

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

| | | | | | |
|---|---|---|---|---|---|
| Vol.5 | Issue- 39 | March 7 to 13, 2022, | Jagatsinghpur | Page-8 | Rs. 5/- |
| ବର୍ଷ-୫ | ସଂଖ୍ୟା- ୩୯ | ମାର୍ଚ୍ଚ ୭ ରୁ ୧୩, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁଲୋଚନା ବିଜୟୀ ହେବେ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**



ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି । ବିଜେଡି ପକ୍ଷରୁ ବରିଷ୍ଠ ନେତ୍ରୀ ସୁଲୋଚନା ଦାସ, ବିଜେପି ପକ୍ଷରୁ ଡ. ସୁନୀତ ମୁଣ୍ଡ ଓ କଂଗ୍ରେସ ପକ୍ଷରୁ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରାଯାଇଛି । ସଦ୍ୟ ପଞ୍ଚାୟତ ନିର୍ବାଚନ ଫଳାଫଳ ବିଜେଡି ସପକ୍ଷରେ ୯୦% ଅଧିକ ଯାଇଥିବା ବେଳେ ସମଗ୍ର ଓଡ଼ିଶା ବାସୀ ଖୁସିର ମାହୋଲ ବନାଉଛନ୍ତି । ପଞ୍ଚାୟତ ନିର୍ବାଚନ ଫଳ ଘୋଷଣା ପରେ ପରେ ପୌର ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ଓ ଆଉ ମାତ୍ର ଦୁଇ ସପ୍ତାହ ପରେ ନିର୍ବାଚନକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ପୌର ନିର୍ବାଚନକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇବାରେ ଲାଗିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ତଥା ଦଳ ବିଜେଡି ପକ୍ଷରୁ ବରିଷ୍ଠ ନେତ୍ରୀ ସୁଲୋଚନା ଦାସଙ୍କ ନାମ ଘୋଷଣା କରିଥିବାକୁ ସହରବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇଦେଇଛି । ଓଡ଼ିଶାରେ ଏକମାତ୍ର ଦଳ ବିଜୁ ଜନତା ଦଳ ବେସ୍ ଫଳାଫଳ ନିଜ ସପକ୍ଷରେ କରୁଥିବା ବେଳେ ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁଲୋଚନା ନିଶ୍ଚିତ ବିଜୟ ଲାଭ କରିବେ ବୋଲି କୁହାଯାଉଛି । ଏପରିକି ସୁଲୋଚନା ବହୁ ବହୁ ଭୋଟ ବ୍ୟବଧାନରେ ବିଜୟୀ ହେବା ନିଶ୍ଚିତ ବୋଲି ମଧ୍ୟ କୁହାଯାଉଛି ।

ଯାଜପୁରରେ ଜନ୍ମିତ ସୁଲୋଚନା ଦାସ ୧୯୯୧ରେ ଦିଲ୍ଲୀ ମିଡ୍-ଡେରୁ ସାମ୍ବାଦିକ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଦିଲ୍ଲୀ ଓ ଓଡ଼ିଶାର ପ୍ରମୁଖ ଟିଭି ଚ୍ୟାନେଲ୍‌ରେ କାର୍ଯ୍ୟ କରୁଥିଲେ । ୨୦୧୪ରେ ସାମ୍ବାଦିକତା ଜଗତରୁ ମୁହଁ ଫେରାଇବା ସହ ରାଜନୀତିରେ ପାଦ ଥାପି କଂଗ୍ରେସରେ ଯୋଗ ଦେଇଥିଲେ । କଂଗ୍ରେସର ମୁଖପାତ୍ର ହେବା ସହ ଧିରେ ଧିରେ ସମସ୍ତଙ୍କ ନଜରକୁ ଆସିଥିଲେ । ୨୦୧୭ରେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ସହ ମହିଳା ବିଜେଡିର କାର୍ଯ୍ୟକାରୀ ସଭାପତି ହୋଇଥିଲେ । ୨୦୧୯ରୁ ସେ ଭିନ୍ନକ୍ଷମ କମିଶନର ଅଧକ୍ଷା ଭାବେ କାର୍ଯ୍ୟ କରୁଥିଲେ ।

ସେହିପରି ବିଜେପି ମେୟର ପ୍ରାର୍ଥୀ ସୁନୀତ ମୁଣ୍ଡ ବହୁ ବର୍ଷ ଧରି ସାମ୍ବାଦିକତା ଭାବେ କାର୍ଯ୍ୟ କରୁଥିଲେ । ଚଳଚ୍ଚିତ୍ର ଜଗତ ସହ ମଧ୍ୟ ସେ ଜଡିତ ଅଛନ୍ତି । ସେ ୨୮ଟି ବହି ଲେଖିବା ସହ ଦକ୍ଷ ୱେଲ୍‌ଫେୟାର ଟ୍ରଷ୍ଟ ଜରିଆରେ ସାମାଜିକ ସେବା କରୁଥିଲେ । ସେ(ସୁନୀତ) ଜଣେ ଉଚ୍ଚ ଶିକ୍ଷିତ, ଭଦ୍ର ଓ ଆମାୟିକ ବ୍ୟକ୍ତି ହୋଇଥିଲେ ମଧ୍ୟ ଓଡ଼ିଶାରେ ବିଜେପିର ସ୍ଥିତି ଯାହା ସୁନୀତଙ୍କ ବିଜୟ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଛି । ଅପରପକ୍ଷରେ, କଂଗ୍ରେସ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ଜଣେ ଯୁବ ଉଦ୍ୟୋଗୀ, କ୍ରୀଡାବିତ୍ ଓ ଓଡ଼ିଶୀ ନୃତ୍ୟଶିଳ୍ପି, କମଳା ନେହେରୁ ମହାବିଦ୍ୟାଳୟର ସଭାପତି ଓ ସମ୍ପାଦକ ହୋଇଥିଲେ । ସେ ଧର୍ମଶାଳାର ପୂର୍ବତନ କଂଗ୍ରେସ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ବୋହୂ । କାଙ୍ଗାଳି ନିର୍ବାଚନ ଲଢିବା ସମୟରେ ସେ ନିର୍ବାଚନ ପରିଚାଳନାରେ ସହଯୋଗ କରୁଥିଲେ । ହେଲେ ମଧୁସ୍ମିତା ଜଣେ ଭଦ୍ର, ଉଚ୍ଚଶିକ୍ଷିତ ଓ ରାଜନୈତିକ ପରିବାରରୁ ଆସିଥିଲେ ମଧ୍ୟ ବର୍ତ୍ତମାନ ରାଜ୍ୟ କଂଗ୍ରେସର ସ୍ଥିତି ଓ କେନ୍ଦ୍ରର ଅବସ୍ଥା ଯାହା ଦଳ ପ୍ରତି ଭୋଟରଙ୍କ ବା ସାଧାରଣ ଜନତାଙ୍କ ଦୃଷ୍ଟିପଟ ବଦଳିଯାଇଥିବାରୁ ତାଙ୍କ ବିଜୟ ନେଇ କେହି ସ୍ପଷ୍ଟ ମତ ରଖୁନଥିଲେ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଉଛି ।

## ସୁବାସ ସିଂ ଯୋଗ୍ୟ ପ୍ରାର୍ଥୀ



**କଟକ(ତପନ ମହାନ୍ତି):-** ରାଜ୍ୟସଭା ସଦସ୍ୟ ସୁବାସ ସିଂହଙ୍କୁ ବିଜେଡ଼ି କଟକର ମେୟର ପ୍ରାର୍ଥୀ କରିଛି । ଆଜି ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯିବା ପରେ ପ୍ରାର୍ଥୀ ସୁବାସ ସିଂହ କଟକରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବାସଭବନ ପରିସରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହି ଗୁରୁତ୍ୱପର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ନିଜେ ଶ୍ରୀ ସାମନ୍ତରାୟ ତ ଉପସ୍ଥିତ ନ ଥିଲେ, ଚୌଦ୍ୱାର କଟକ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ଅଥବା ବିଧାୟକ ସୌଭିକ ବିଶ୍ୱାଳ କିମ୍ବା ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ବି ଉପସ୍ଥିତ ନ ଥିଲେ । ଏହି ୩ଟି ର୍ନିବାଚନ ମଣ୍ଡଳୀର ୫୯ଟି ୱାର୍ଡ଼କୁ ନେଇ କଟକ ମହାନଗର ନିଗମର ନିର୍ବାଚନ ହେଉଛି ଏବଂ ପ୍ରଥମ ଥର ପାଇଁ ମେୟର ପ୍ରାର୍ଥୀ ସିଧାସଳଖ ନିର୍ବାଚନ ଲଢୁଛନ୍ତି । ମହାନଗର ନିଗମ ସଂପର୍କିତ ପୂର୍ବରୁ ବିଭିନ୍ନ ଘୋଷଣା ସମୟରେ ଏହି ୩ ନିର୍ବାଚନ ମଣ୍ଡଳୀର ପ୍ରମୁଖ ନେତାଙ୍କ ସହିତ ଅଧିକାଂଶ ସମୟରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବି ଦେଖିବାକୁ ମିଳିଥାଏ । କିନ୍ତୁ ଆଜି ମେୟର ପ୍ରାର୍ଥୀ ଘୋଷଣା ପରେ ଆୟୋଜିତ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ କଟକର ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ କଟକର ଏହି ଗୁରୁତ୍ୱପୂର୍ଣ୍ଣ ନେତାଙ୍କ ମଧ୍ୟରୁ କେହି ଜଣେ ବି ଉପସ୍ଥିତ ନ ରହିବା ଘଟଣା ଏବେ ସାଧାରଣରେ ଆଲୋଚନାରେ ପ୍ରସଙ୍ଗ ହୋଇଛି । ଅନ୍ୟପଟେ ଆଜି ବିଳମ୍ବିତ ରାତିରେ ସୁବାସ ସିଂହ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିବା ବେଳେ ସେ ଦେବାଶିଷଙ୍କୁ ମଧ୍ୟ ଭେଟି ଆଲୋଚନା କରିଥିବା ସୂଚନା ମିଳିଛି ।

(ପୃଷ୍ଠା-୨)

# ବିଶ୍ୱର ନୂଆ ଶକ୍ତି ଭାରତ !



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବର୍ତ୍ତମାନ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଭୟଙ୍କର ଯୁଦ୍ଧ ଜାରି ରହିଥିବା ବେଳେ ବିଦେଶରେ ଫସିଛନ୍ତି ହଜାର ହଜାର ଭାରତୀୟ । ଏପରି ସ୍ଥିତିରେ ଭାରତ ନିଜର ନାଗରିକଙ୍କୁ ସୁରକ୍ଷା ପାଇଁ ଅପରେସନ ଗଙ୍ଗା ଅଭିଯାନ ଚଳାଇଛି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ବର୍ତ୍ତମାନ ସୁଦ୍ଧା ଏପରି ୯ଟି ଅପରେସନ ଚଳାଇ ସାରିଲେଣି । ୨୦୧୪ରୁ ୨୦୨୨ ମଧ୍ୟରେ ବିଭିନ୍ନ ଦେଶରୁ ୬୦ଲକ୍ଷରୁ ଅଧିକ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଛି । ତେବେ ଏହି ସଙ୍କଟ ସମୟରେ ଆମେରିକା ଓ ପଶ୍ଚିମ ରାଷ୍ଟ୍ରମାନେ ନିଜର ନାଗରିକଙ୍କୁ ବଞ୍ଚାଇବାକୁ କୌଣସି ପ୍ରୟାସ କରିନାହାଁନ୍ତି । ତେଣୁ ଦେଶବାସୀଙ୍କୁ ଭାରତର ଏହି ନୂଆ ତାକତ ବିଷୟରେ ଜାଣିବା ନିହାତି ଜରୁରୀ ଯେଉଁଠି ସମଗ୍ର ବିଶ୍ୱ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ବୁଝାଇବାରେ ଅସମର୍ଥ, ସେ ସମୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁରୋଧ କ୍ରମେ ୟୁକ୍ରେନ୍‌ରେ ଯୁଦ୍ଧ ୬ ଘଣ୍ଟା ପାଇଁ ଅଟକି ଯାଇଥିଲା । ଏହା କ'ଣ ଭାରତର ଶକ୍ତି ନୁହେଁ । ଏ ବିଷୟରେ ଏପରି କେତୋଟି ଦେଶ ଅଛନ୍ତି ଯୁଦ୍ଧକୁ ଏକ ମିନିଟ୍ ପାଇଁ ରୋକିପାରିବ ?


୨୦୧୪ ଅଗଷ୍ଟ ମାସରେ ଲିବ୍ୟାରେ ଚାଲିଥିବା ଗୃହଯୁଦ୍ଧ ସମୟରେ ଭାରତ ସରକାର ୧୨ଶହ ନାଗରିକଙ୍କୁ ଉଦ୍ଧାର କରିଥିଲେ । ୨୦୧୫ ନେପାଳ ଭୂକମ୍ପ ସମୟରେ ୫ ହଜାର ଭାରତୀୟଙ୍କୁ ଉଦ୍ଧାର କରାଯାଇଥିଲା । ଉକ୍ତ ବର୍ଷ ୟେମେନ ଲଢେଇ ସମୟରେ ୪୬ ଶହ ଭାରତୀୟଙ୍କୁ ଉଦ୍ଧାର କରାଯାଇଥିଲା । ସେ ସମୟରେ ୪୧ଟି ଦେଶର ୯ଶହ ନାଗରିକଙ୍କୁ ଭାରତ ବଞ୍ଚାଇ ପାରିଥିଲା । ବର୍ତ୍ତମାନ ସମୟରେ (ପୃଷ୍ଠା-୨)

## ଶ୍ରୀତମ ବିଜେପି ମେୟର ପ୍ରାର୍ଥୀ



**କଟକ(ବାଦାମବାଡ଼ି):-** ରବିବାର ଦିନ କଟକ ମହାନଗର ନିଗମ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଭାରତୀୟ ଜନତା ପାର୍ଟି । ସିଏମ୍‌ସି ପାଇଁ ଅଭିନେତା ଶ୍ରୀତମ ଦାସଙ୍କୁ ମେୟର ପ୍ରାଥୀ ଭାବରେ ଘୋଷଣା କରିଛି ବିଜେପି । କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । ଗତ କାଲି କଟକ ମହାନଗର ନିଗମ ପାଇଁ ରାଜ୍ୟସଭା ସାଂସଦ ସୁବାସ ସିଂଙ୍କୁ ବିଜେଡି ମଇଦାନକୁ ଓହ୍ଲାଇଥିବା ବେଳେ ପୂର୍ବରୁ କଂଗ୍ରେସ ମେୟର ପ୍ରାର୍ଥୀ ଭାବେ ଗିରିବାଳା ବେହେରାଙ୍କ ନାମ ଘୋଷଣା କରିସାରିଛି । ଏଭଳି ସ୍ଥିତିରେ ଗିରିବାଳା, ସୁବାସ ଓ ଶ୍ରୀତମଙ୍କ ମଧ୍ୟରେ ମେୟର ପଦବୀ ପାଇଁ ଲଢେଇ ହେବାକୁ ଥିବାବେଳେ ଏହି ତିନିଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେକ ପ୍ରାର୍ଥୀଙ୍କୁ ବେକାରିଆ ପ୍ରାର୍ଥୀ ବୋଲି କୁହାଯାଉଛି, ସେ ହାରିବା ଥୟ ।

# ଔଦ୍ଧତ୍ୟ ତହସିଲ୍‌ଦାର




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନ୍ୟୁଜ୍ ପୋର୍ଟାଲ୍‌ରେ ଘୂରିବୁଲୁଛି ଔଦ୍ଧତ୍ୟର ସୀମା ପାର କଲେ ପୁରୀ-ଡେଲାଙ୍ଗ ତହସିଲ୍‌ଦାର ମ୍ୟାଡାମ୍ ବୋଲି ଚର୍ଚ୍ଚା ହେଉଛି । ନନ୍‌ସେନ୍ସ, ଏଠାରୁ ବାହାର ବୋଲି ଜଣେ ହିତାଧିକାରୀଙ୍କୁ ଗରମ ମୁଡ୍‌ରେ ରାଗିକରି କହୁଥିବାର ଭିଡିଓ ଭାଇରାଲ୍‌ରୁ ଜଣାପଡିଛି । ଖବରରୁ ପ୍ରକାଶ ଯେ, ଅଭିଯୋଗ କରିବାକୁ ଆସିଥିବା ପୁରୀ-ଡେଲାଙ୍ଗ ତହସିଲ୍ ଅଫିସ୍‌କୁ ଜନୈକ ମହିଳାଙ୍କ ଆବେଦନରେ ରାଗିଯାଇ କଲେ ଦୁର୍ବ୍ୟବହାର । ଜଣେ ନାରୀ ହୋଇ ନାରୀକୁ କଲେ ଅସମ୍ମାନ । ପୁରୀ ଜିଲ୍ଲା ଡେଲାଙ୍ଗ ତହସିଲ୍‌ଦାରଙ୍କ ଏଭଳି ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଲୋକମାନଙ୍କ ସେବା ପାଇଁ ନିୟୋଜିତ ହୋଇଥିବା ତହସିଲ୍‌ଦାର ସେବା କରିବା ବଦଳରେ ଏଭଳି ନାଲିଆଖି ଦେଖାଇବା ଘଟଣା ସାମ୍ନାକୁ ଆସିବା ପରେ ଏହି ଘଟଣାକୁ ତୀବ୍ର ସମାଲୋଚନା କରାଯାଉଛି ।

## ମଧୁସ୍ମିତାଙ୍କ ନାମାଙ୍କନ ପତ୍ର ଦାଖଲ



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୌର ନିର୍ବାଚନ ଲାଗି ଆଜି ହେଉଛି ୬ ଦିନ । ଗତ ୨ ତାରିଖରୁ ଆରମ୍ଭ ହୋଇଛି ନାମାଙ୍କନ ଦାଖଲ । ଆଜି( ୭ ତାରିଖ) ଯାଏ ନାମାଙ୍କନ ପତ୍ର ଦାଖଲ ହେବାକୁ ଥିବାବେଳେ ମହାନଗର ନିଗମ ଠାରୁ ପୌର ପରିଷଦ ଓ ଏନ୍‌ଏସ୍‌ସି ସବୁଠି ପ୍ରାର୍ଥୀଙ୍କ ଚାଲିଛି ନାମାଙ୍କନ ପତ୍ର ଦାଖଲ । ନାମାଙ୍କନ ଦାଖଲର ସମୟ ସରିଆସୁଥିବା ବେଳେ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି । ଫଳରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ୍ ଗୁଡିକରେ ନାହିଁ ନ ଥିବା ଭିଡ ଦେଖାଯାଉଛି । ଆଜି ଦଳୀୟ ସମର୍ଥକଙ୍କ ଗହଣରେ ଆସି ଭୁବନେଶ୍ୱର ମହାନଗର ନିଗମର କଂଗ୍ରେସର ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ୍‌ରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ମହାନଗର ନିଗମର ବିଭିନ୍ନ ୱାର୍ଡ ପାଇଁ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ସେପଟେ ଆଜି କଟକ ମହାନଗର ମେୟର ପଦ ପାଇଁ ବିଜେପି ଅଭିନେତାରୁ ନେତା ବନିଥିବା ଶ୍ରୀତମ ଦାସଙ୍କୁ ପ୍ରାର୍ଥୀ କରିଛି । ଏ ନେଇ ଦଳ ପକ୍ଷରୁ ବିଧିବଦ୍ଧ ଭାବରେ ଘୋଷଣା କରାଯାଇଛି ।

## ବିଜେପି ମେୟର ପ୍ରାର୍ଥୀ ସୁନୀତ୍ ମୁଣ୍ଡ



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭୁବନେଶ୍ୱର ପାଇଁ ବିଜେପି ଘୋଷଣା କଲା ମେୟର ପ୍ରାର୍ଥୀ । ବିଜେପି ପାଇଁ ପ୍ରାର୍ଥୀ ହେଲେ ସୁନୀତ୍ ମୁଣ୍ଡ । ପୌର ନିର୍ବାଚନ ପାଇଁ ରାଜନୀତି ତେଜୁଥିବା ବେଳେ ଭୁବନେଶ୍ୱର ପାଇଁ ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ବିଜେଡି ସୁଲୋଚନା ଦାସଙ୍କୁ ପ୍ରାର୍ଥୀ ଭାବେ ଛିଡାକରିଥିବା ବେଳେ କଂଗ୍ରେସ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି । ଏବେ ବିଜେପି ନିଜ ପ୍ରାର୍ଥୀ ଘୋଷଣା କରି ପୌର ରାଜନୀତିକୁ ଆହୁରି ଉଷ୍ମ କରି ଦେଇଥିବା କୁହାଯାଉଛି । କିନ୍ତୁ **ବିଜେଡିର ମେୟର ପ୍ରାର୍ଥୀ ସୁଲୋଚନା ଦାସ ବିଜୟୀ ହେବା ନିଶ୍ଚିତ** ବୋଲି ସାଧାରଣରେ ଜୋର୍ ଦେଇ କୁହାଯାଉଥିବା ଶୁଣାଯାଉଛି ।

# ବିଧାନ ପରିଷଦ ଗଠନ ହେବ !



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଧାନ ପରିଷଦ ଗଠନ ନେଇ ବିଧାନସଭା ପକ୍ଷରୁ ଲେଖା ଯାଇଥିବା ଚିଠିର ଉତ୍ତର ଦେଇଛନ୍ତି କେନ୍ଦ୍ର ସରକାର । ବିଧାନସଭାରେ ଚିଠି ପହଞ୍ଚିବା ପରେ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି ବାଚସ୍ପତି । ବିଧାନ ପରିଷଦ ଗଠନ ନେଇ କ'ଣ ପ୍ରକ୍ରିୟା ରହିବ ସେ ନେଇ ଚିଠିରେ ଉଲ୍ଲେଖ ରହିଛି ।

ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ବିଧାନସଭା ପରିଷଦ ଗଠନ ନେଇ କିଛି ପ୍ରସ୍ତାବ ଆସିନଥିବା ସଂସଦରେ ଉତ୍ତର ରଖିଥିଲେ କେନ୍ଦ୍ର ଆଇନ୍ ମନ୍ତ୍ରୀ । କେଉଁ ପରିସ୍ଥିତିରେ ଭୁଲ୍ ଉତ୍ତର ରଖାଗଲା ସେ ନେଇ ବିଧାନସଭା ପକ୍ଷରୁ ୨ଟି ଚିଠି ଲେଖାଯାଇଥିଲା । ଏହାର ଉତ୍ତର କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଛି । ସେହିପରି ମାର୍ଚ୍ଚ ୩୧ ପୂର୍ବରୁ ବିଧାନସଭା ବଜେଟ୍ ଅଧିବେସନ ବସିବ ରାଜ୍ୟପାଳଙ୍କ ଅନୁମୋଦନ ଆସିବା ପରେ ବିଧିବଦ୍ଧ ତାରିଖ ଘୋଷଣା ହେବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି ।

ସେପଟେ ଗତକାଲି ଠାରୁ ବିଧାନସଭା ସମାଚାର ୟୁଟ୍ୟୁବ୍ ଚ୍ୟାନେଲ୍ ଆରମ୍ଭ ହୋଇଥିବା ବାଚସ୍ପତି କହିଛନ୍ତି । ଏହା ସହ ବିଧାନସଭା ପତ୍ରିକା ନାମକ ମାସିକ ପତ୍ରିକା ଆରମ୍ଭ ହେବ । ବିଧାନସଭା ସଂକ୍ରାନ୍ତୀୟ ସମସ୍ତ ଖବର ଏଥିରେ ପ୍ରସାରଣ ହେବ । ପରବର୍ତ୍ତୀ ସମୟରେ ବିଧାନସଭା ଟିଭି ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ବାଚସ୍ପତି ।

## ୧୦୦ ବସ୍ ବ୍ୟବସ୍ଥା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷିଆ ୟୁକ୍ରେନ୍ ମଧ୍ୟରେ ଲଗାତାର ୧୧ ଦିନ ଧରି ଯୁଦ୍ଧ ଜାରି ରହିଛି । ଏପରିସ୍ଥଳେ ୟୁକ୍ରେନ୍‌ରୁ ଭାରତୀୟ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ଅପରେଶନ୍ ଗଙ୍ଗା ଆରମ୍ଭ କରାଯାଇଛି ।

ସୁବିଧାରେ ଭାରତୀୟଙ୍କୁ ପୋଲାଣ୍ଡ, ହଙ୍ଗେରୀ ଏବଂ ରୋମାନିଆରେ ପହଞ୍ଚାଇବା ଲାଗି ରୁଷିଆ ପକ୍ଷରୁ ୧୦୦ଟି ବସ୍‌ର (ପୃଷ୍ଠା-୨)

## ମୋଦିଙ୍କୁ ନବୀନଙ୍କ ଚିଠି



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୟୁକ୍ରେନ୍ ଉପରେ ଋଷର ଆକ୍ରମଣ ପରେ, ଏବେ ଅନେକ ମେଡିକାଲ ଛାତ୍ର ଭାରତ ଫେରିଛନ୍ତି । ତା ଭିତରେ ଅନେକ ଓଡ଼ିଆ ଯୁବକ, ଯୁବତୀ ମଧ୍ୟ ସାମିଲ ଅଛନ୍ତି । ଆଉ ଏବେ ଏହି ୟୁକ୍ରେନ୍ ଫେରନ୍ତା ମେଡିକାଲ୍ ଛାତ୍ରଛାତ୍ରୀଙ୍କ ପାଠପଢାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦେଶର ଅନେକ ଛାତ୍ରଛାତ୍ରୀ ୟୁକ୍ରେନ୍‌ରୁ ଭାରତକୁ ଫେରିଆସିଛନ୍ତି । ଏବେ ଏହି ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କୁ ଭାରତରେ ପଢାଯାଉ । ଦେଶର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ସେମାନଙ୍କୁ ପାଠ ପଢିବାକୁ ସୁଯୋଗ ଦିଆଯାଉ ବୋଲି ନବୀନ ଚିଠିରେ ମୋଦୀଙ୍କୁ କହିଛନ୍ତି । ଖାଲି ସେତିକି ନୁହେଁ ଓଡ଼ିଶା ସରକାର ମଧ୍ୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ନବୀନ ଚିଠିରେ ଲେଖିଛନ୍ତି ।

# ଭୂତଳ ସହରରେ ପୁଟିନ୍‌ଙ୍କ ପରିବାର




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ୍‌କୁ ପରମାଣୁ ବୋମା ଆକ୍ରମଣ ଧମକ ଦେଇଥିବା ରୁଷ ରଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଏବେ ନିଜେ ଏହ ବୋମାକୁ ଡରି ପରିବାର ସଦସ୍ୟଙ୍କୁ ଏକ ଭୂତଳ ସହରା ମଧ୍ୟକୁ ସୁରକ୍ଷା ଦୃଷ୍ଟିକୋଣରୁ ପଠାଇ ଦେଇଛନ୍ତି। ଏହାକୁ ଏକ ସ୍ୱତନ୍ତ୍ର ବୋଲି କୁହାଯାଉଛି,ବୋଲି କୁହାଯାଉଛି, ଯାହା କି ପରମାଣୁ ବୋମା ଆକ୍ରମଣରେ କାଣିଚାଏ କ୍ଷତିଗ୍ରସ୍ତ ହେବାନାହିଁ। ରୁଷର ସାଇବେରିଆ ପ୍ରଦେଶରେ ଏହି ଭୂତଳ ସହର ରହିଥିବା ମସ୍କୋଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ ରିଲେସନ୍ସ ପୂର୍ବତନ ପ୍ରଫେସର ଭାଲେରି ସୋଲୋଭି ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତରେ ସୋଲୋଭି କହିଛନ୍ତି, ୟୁକ୍ରେନ୍ ଉପରେ ରୁଷ ଆଣବିକ ବା ପରମାଣୁ ବୋମା ପକାଇବା ନେଇ ଆଶଙ୍କା ଉପୁଜିଛି। ପୁଟିନ୍ କୌଣସିମତେ ପଛକୁ ହଟିବେ ନାହିଁ । ତେଣୁ ଆଗକୁ ଆଣବିକ ଯୁଦ୍ଧ ହୋଇପାରେ। ଏଭଳି ସ୍ଥିତିରେ ପୁଟିନ୍ ଆଗୁଆ ତାଙ୍କ ପରିବାର ସଦସ୍ୟଙ୍କୁ ଏହି ସ୍ୱତନ୍ତ୍ର ବଙ୍କର ମଧ୍ୟକୁ ପଠାଇ ଦେଇଛନ୍ତି। ସାଇବେରିଆର ଅଲଟାଇ ରିପବ୍ଲିକ୍‌ଠାରେ ଏହି ବଙ୍କର ରହିଛି ଏହି ବଙ୍କର ହେଉଛି ଏକ ଛୋଟ ସହର ଭଳି। ଏଠାରେ ଅତ୍ୟାଧୁନିକ ଟେକ୍ନୋଲୋଜି କରାଯାଇଛି। ୧୦ବର୍ଷ ତଳେ ଏହାକୁ କରାଯାଇଥିଲା ନିୟମିତ ଭାବେ ଏହାର ସୁରକ୍ଷା ବ୍ୟବସ୍ଥ ଆହୁରି ସୁଦୃଢ କରାଯାଉଛି । ଏହି ବଙ୍କର ସହର ମଧ୍ୟକୁ ଉପଯୁକ୍ତ ବାୟୁ ଚାଳଚଳ ପାଇଁ ଏକାଧିକ ଭେଣ୍ଟିଲେସନ୍ ପଏଣ୍ଟ ରହିଛି। ଏହାକୁ ଅନେକ ପର୍ବତ ଘେରି ରହିଛି। ଏକ ଅତ୍ୟାଧୁନିକ ୧୧୦କିଲୋଭୋଲ୍ ସବଷ୍ଟେସନ୍ ଏଥିସହ ସଂଯୋଗ ହୋଇଛି। ଏକ ଛୋଟ ସହର ପାଇଁ ଏହି ସବଷ୍ଟେସନ୍ ପର୍ଯ୍ୟାପ୍ତ ବିଜୁଳି ସେବା ଯୋଗାଇ ଦେଇପାରିବ ନିର୍ମାଣ ବେଳେ ଜର୍ମାନୀର ଅନେକ ଖେଳାଳି ଏଥିରେ ସାମିଲ ହୋଇଥିଲେ। ତେବେ ପୁଟିନ୍‌ଙ୍କ ପରିବାର ର କେଉଁମାନଙ୍କୁ ଏହି ଭୂତଳ ସହର ମଧ୍ୟରେ ରଖାଯାଉଛି ସେ ବାବଦରେ ସୋଲୋଭି ଅବଗତ କରାଯାଇନାହାନ୍ତି। ୩୮ବର୍ଷୀୟ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ରିଦ୍‌ମିକ୍ ହୋଇଥିଲେ।ତେବେ ପୁଟିନ୍‌ଙ୍କ ପରିବାର କେଉଁମାନଙ୍କୁ ଏହି ଭୂତଳ ସହର ମଧ୍ୟରେ ରଖାଯାଇଛି ସେ ବାବଦରେ ସୋଲୋଭି ଅବଗତ କରାଯାଇନାହାନ୍ତି। ୩୮ ବର୍ଷିୟ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ରିଦ୍ ମିକ୍ ଜିମ୍ନାଷ୍ଟ ଅଲିନା୍ କାବେଭା ରୁଷ ରଷ୍ଟ୍ରପତି ପୁଟିନ୍‌ଙ୍କ ଗୋପନ ପତ୍ନୀ ବୋଲି ଦାବି କରାଯାଉଛି।

# ପରମାଣୁ ଯୁଦ୍ଧ ହେଲେ କଣ ହେବ ଜାଣନ୍ତୁ ?

● ଅଧଘଣ୍ଟାରେ ୧୦ କୋଟି ମୃତ୍ୟୁ
● ୧୮ ହଜାର ବର୍ଷ ପଛକୁ ଚାଲି ଯିବ ଦୁନିଆ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଣ ହେବ ଯଦି ଧମାକା ହେବ ଓ ମାତ୍ର କିଛି ମୁହୁର୍ତ୍ତରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଯିବ। ଲୋକ ବସିଥିବେ ଓ ସେମାନଙ୍କ ଚମଡା ଜଳି ଯିବ। ଛାତି ଥରାଇବା ପରି ଧମାକା ହେବ ଆଉ ସବୁ ଦିଗ ଶୂନଶାନ୍ ପଡିଯିବ। ଆଉ ବର୍ତ୍ତିଯାଇଥିବା ଲୋକଙ୍କ କାନ୍ଦ ବୋବାଳି ହିଁ ଶୁଣାଯିବ। କଣ ହେବ ଏପରି କିଛି ସ୍ଥିତି ଉପୁଜିଲେ ?

କିଛି ଏପରି ହିଁ ହୋଇଥିଲା ୧୯୪୫ମସିହା ଅଗଷ୍ଟ ମାସରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ହିରୋସୀମା ଓ ନାଗାସାକି ଉପରେ ପରମାଣୁ ହମଲା କରିଥିଲା ସେହି ସମୟରେ ଏପରି କରୁଣ ଚିତ୍ର ଦେଖିବାକୁ ମିଳିଥିଲା ଏହି ଆକ୍ରମଣ ଏତେ ଜୋରଦାର୍ ଥିଲା ମାତ୍ର କିଛି ସେକେଣ୍ଡରେ ଲକ୍ଷ ଲକ୍ଷ ଲୋକଙ୍କ ନିଶ୍ୱାସ ବନ୍ଦ ହୋଇଯାଇଥିଲା ଏହାପରେ ବି ବର୍ଷ ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ମୃତ୍ୟୁ ହେବାକୁ ଲାଗିଥିଲା ବର୍ତ୍ତମାନର ରୁଷ-ୟୁକ୍ରେନ୍ ଯଦ୍ଧୁରେ ମଧ୍ୟ ଏବେ ସେହି ଭଳି ପରିସ୍ଥିତିର ଆଶଙ୍କା କରାଯାଉଛି। ଲଢେଇ ଏବେ ନିର୍ଣ୍ଣାୟକ ମୋଡରେ ପହଂଚିବାକୁ ଯାଉଥିଲେ ବି ବିପଦ ରହିଛି। ଆମେରିକା ସମେତ ପଶ୍ଚିମ ଦେଶଗୁଡିକ ୟକ୍ରେନର ସହାୟତା କରୁଛନ୍ତି। ଆଉ ଏହି କ୍ରମରେ ରୁଷ ରଷ୍ଟ୍ରପତି ଚେତାଇନ୍ତି ଯେ ,ଯଦି କିଏ ଭିତରେ ପଶିବାକୁ ଚେଷ୍ଟା କରିବ ତାହେଲେ ପରିଣାମ ଏପରି ହେବ ଯାହାକୁ କି କିଏ ଦେଖିନଥିବେ କି ଭାବିବି ନଥିବେ। ପୁଟିନଙ୍କ ଏହି ଚେତାବନୀକୁ ଏକ୍ସପର୍ଟ ମାନେ ଏହି ଚେତାବନୀକୁ ଏକ୍ସପର୍ଟ ମାନେ ପରମାଣୁ ଯୁଦ୍ଧ ସହିତ ଯୋଡିଛନ୍ତି।



ଜାପାନ ପୂର୍ବରୁ ହିଁ ପରମାଣୁ ହମଲାର ସାମନା କରିସାରିଛି। ଯେଉଁ ମାନେ ବଂଚିଯାଇଛନ୍ତି ସେମାନଙ୍କ ହୃଦୟ ଆଜିବି ସେ ସମୟର କଥା ମନକୁ ଆସିଲେ ଥିରି ଉଠୁଛନ୍ତି। ପରମାଣୁ ଯୁଦ୍ଧ ଦୁନିଆରେ ପୁଣି ଏକ ବିନାଶ ନେଇଆସିବ।

ସ୍ୱିଜରଲ୍ୟାଣ୍ଡର ଏକ ସଂସ୍ଥା ରହିଛି। ଯାହାର ନାମ ହେଲା ଇଣ୍ଟରନ୍ୟାସନାଲ୍ କ୍ୟାମ୍ପେନ ଟୁ ଅବଲିସ୍ ନ୍ୟୁକ୍ଲିୟର ଏହି ସଂସ୍ଥାକୁ ୨୦୧୭ମସିହାରେ ନୋବେଲ୍ ପୀସ୍ ପୁରସ୍କାର ମିଳିସାରିଛି। ଆଇସିଏଏନ୍ ମୁତାବକ, ଏକ ପରମାଣୁ ଝଟକା ଲକ୍ଷ ଲକ୍ଷ ଲୋକଙ୍କ ନେଇଯିବ। ଆଉ ଯଦି ୧୦କିମ୍ବା ଶହ ଶହ ବମ୍ ପଡିବ ତାହେଲେ ଲକ୍ଷ-ଲକ୍ଷ,କୋଟି ଲୋକ ଜୀବନ ହାରିବେ। ଖାଲି ସେତିକି ପୃଥିବୀରେ ପରିବେଶ ହିଁ ଦୂଷିତ ହୋଇଯିବ।

ଆଇସିଏଏନ୍ ମୁତାବକ, ଗୋଟିଏ ପରମାଣୁ ବୋମା ସମଗ୍ର ସହରକୁ ଧ୍ୱଂସ କରିବ। ଯଦି ଆଜିର ସମୟରେ ଅନେକ ପରମାଣୁ ଅସ୍ତ୍ର ବ୍ୟବହାର କରାଯାଏ, ତେବେ ଏଥିରେ କୋଟି କୋଟି ଲୋକ ପ୍ରାଣ ହରାଇବେ। ଏଥି ସହିତ, ଯଦି ଆମେରିକା ଏବଂ ରୁଷ ମଧ୍ୟରେ ଏକ ବଡ ଆଣବିକ ଯୁଦ୍ଧ ଆରମ୍ଭ ହୁଏ, ତେବେ ମୃତ୍ୟୁ ସଂଖ୍ୟା ୧୦ କୋଟି ଅତିକ୍ରମ କରିବ।

ମୁମ୍ବାଇ, ଯେଉଁଠାରେ ପ୍ରତ୍ୟେକ କିଲୋମିଟର ବ୍ୟାସାର୍ଦ୍ଧରେ ୧ଲକ୍ଷରୁ ଅଧିକ ଲୋକ ବାସ କରନ୍ତି, ଯଦି ହିରୋସିମା ପରି ପରମାଣୁ ବୋମା ସେଠାରେ ପଡେ ତେବେ ଗୋଟିଏ ସପ୍ତାହରେ ୮.୭୦ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିବ। ଯଦି ଆମେରିକା ଏବଂ ରୁଷ ମଧ୍ୟରେ ଆଣବିକ ଯୁଦ୍ଧରେ ୫୦୦ପରମାଣୁ ବୋମା ବ୍ୟବହୃତ ହୁଏ, ତେବେ ଅଧ ଘଣ୍ଟା ମଧ୍ୟରେ ୧୦କୋଟିରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିବ।

କେବଳ ଏତିକି ନୁହେଁ, ଯଦି ବିଶ୍ୱରେ ଉପସ୍ଥିତ ଥିବା ପରମାଣୁ ଅସ୍ତ୍ରଗୁଡିକର ୧ପ୍ରତିଶତରୁ କମ୍ ବି ଯୁଦ୍ଧରେ ବ୍ୟବହୃତ ହୁଏ, ତେବେ ୨ବିଲିୟନ୍ ଲୋକ ଅନାହାରରେ ପଡିଯିବେ ଓ ମୃତ୍ୟୁ ସୁନିଶ୍ଚିତ ହୋଇଯିବ। ଏହା ସହିତ ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ନଷ୍ଟ ହୋଇଯିବ, ଯେଉଁଥିପାଇଁ ଆହତମାନେ ଚିକିତ୍ସା ପାଇପାରିବେ ନାହିଁ। ଫଳରେ ମୃତ୍ୟୁ ବର୍ଷ ଫଳରେ ମୃତ୍ୟୁ ବର୍ଷ ବର୍ଷ ଧରି ହୋଇଚାଲିବ। ବର୍ତ୍ତମାନ ବିଶ୍ୱ ଗ୍ଲୋବାଲ୍ ଓ୍ୱାର୍ମିଙ୍ଗ ସହିତ ସଂଘର୍ଷ କରୁଛି, କିନ୍ତୁ ଆଣିବିକ ଯୁଦ୍ଧ ହେତୁ ପୃଥିବୀର ତାପମାତ୍ରା ଦ୍ରୁତ ଗତିରେ ହ୍ରାସ ପାଇବାର ଲାଗିବା ଏହାର କାରଣ ହେଉଛି ଏହି ଆକ୍ରମଣ ରେ ଏତେ ଧୂଆଁ ନିର୍ଗତ କରିବ ଯାହା ପୃଥିବୀ ପୃଷ୍ଠରେ ଜମିଯିବ। ଅନୁମାନ କରାଯାଉଛି ଯେ ଯଦି ଏହା ଘଟିତ ତାହେଲେ ଅତିକ୍ରମରେ ୧୦%ସ୍ଥାନରେ ସୂର୍ଯ୍ୟକିରଣ ପହଂଚିବ ନାହିଁ। ଏଥି ସହିତ, ଯଦି ବିଶ୍ୱର ସମସ୍ତ ଆଣିବକ ଅସ୍ତ୍ର ବ୍ୟବହାର କରାଯାଏ, ତେବେ ପୃଥିବୀର ଷ୍ଟ୍ରାଟୋସ୍ଫିୟର ରେ ୧୫୦ମିଲିୟନ୍ ଟନ୍ ଧୂଆଁ ଫ୍ରିଜ୍ ହୋଇଯିବ।ଷ୍ଟ୍ରାଟୋସ୍ଫିୟର ହେଉଛି ପୃଥିବୀର ବାହ୍ୟ ପୃଷ୍ଟ ଯାହା ଓଜୋନ୍ ସ୍ତର ଉପରେ ରହିଥାଏ। କେବେ ଏତିକି ନୁହେଁ,ବିଶ୍ୱର ଅଧିକାଂଶ ଅଂଚଳରେ ବର୍ଷା ହେବ ନାହିଁ। ବିଶ୍ୱ ବୃଷ୍ଟିପାତ ୪୫% ହ୍ରାସ ପାଇବ ଏବଂ ଏହା ପୃଥିବୀ ପୃଷ୍ଟର ହାରହାରି ତାପମାତ୍ରା-୭ରୁ-୮ଡିଗ୍ରୀ ସେଲସିୟସରେ ପହଂଚିବ। ଏହାର ଯଦି ତୁଳନା କରିବା, ତାହେଲେ ୧୮ହଜାର ବର୍ଷ ପଛକୁ ଚାଲିଯିବ। ଯଦି ଆମେ କେଉଁ ଦେଶ ପାଖରେ କେତେ ପରମାଣୁ ହିତଆର ଅଛି ତାହେଲେ ରୁଷିଆ ପାଖରେ ୫,୯୭, ଆମେରିକା ପାଖରେ ୫,୪୨୮, ଚୀନ ପାଖରେ ରହିଛି ୩୫୦, ଫ୍ରାନ୍ସରେ ୨୯୦, ୟୁକେନରେ ୨୨୫, ପାକିସ୍ତନ ୧୬୫, ଭାରତରେ ୧୬୦,ଇସ୍ରାଏଲ୍ ୯୦ ଓ ଉତ୍ତରକୋରିଆରେ ୨୦ଟି ପରମାଣୁ ଅସ୍ତ୍ର ରହିଛି।

# ଗୋଟିଏ ବରକୁ ବିବାହ କଲେ ତିନି ଭଉଣୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଫ୍ରିକୀୟ ଦେଶ କଙ୍ଗୋରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଯେଉଁଠାରେ ତିନିଜଣ ଭଉଣୀ ଗୋଟିଏ ବରକୁ ବିବାହ କରିଛନ୍ତି। ଏହି ତିନି ଭଉଣୀ ଜଣେ ବ୍ୟକ୍ତିଙ୍କୁ ପ୍ରେମ କରୁଥିଲେ ତା ପରେ ଭଉଣୀମାନେ ଏକାଠି ତାଙ୍କୁ ବିବାହ କରିବାକୁ ସର୍ତ୍ତ ରଖିଥିଲେ। ତାଙ୍କର ବୟସ ୩୨ବର୍ଷ। ଲୁଓ୍ୱିଜୋ ନତାଶା, ନାଟୀଲୀ ଏବଂ ନାଡେଜ୍ ନାମକ ତିନିଜଣ ଭଉଣୀଙ୍କ ସହ ଏକାଠି ବିବାହ କରିଛନ୍ତି।

## ରଖିଲେ ଏପରି ସର୍ତ୍ତ

ଲୁଓିଜୋ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ନାଟାଲୀଙ୍କୁ ଭେଟିଥିଲେ ଏବଂ ପରେ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କ ସହ ମଧ୍ୟ ସମ୍ପର୍କ ସ୍ଥାପନ କରିଥିଲେ। ଲୁଓିଜୋ କହିଛନ୍ତି ତାଙ୍କର ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା କାରଣ ସେ ଏକ ସର୍ତ୍ତ ମାନିଥିଲେ ମାନିଥିଲେ ଯେ ତିନି ଭଉଣୀଙ୍କୁ ଗୋଟିଏ ଦିନରେ ବିବାହ କରିବାକୁ ପଡିବ। ଏହି ନିଷ୍ପତି ତାଙ୍କ ପାଇଁ ବହୁତ ଏବଂ ପରେ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କ ସହ ମଧ୍ୟ ସମ୍ପର୍କ ସ୍ଥାପନ କରିଥିଲେ। ଲୁଓେଜୋ କହିଛନ୍ତି ତାଙ୍କର ପାଖରେ ଅନ୍ୟ କୌଣସି ବିକଳ୍ପ କାରଣ ସେ ଏକ ସର୍ତ୍ତ ମାନିଥିଲେ ଯେ ତିନି ଭଉଣୀଙ୍କୁ ଗୋଟିଏ ଦିନରେ ବିବାହ କରିବାକୁ ପଡିବ। ଏହି ନିଷ୍ପର୍ତି ତାଙ୍କ ପାଇଁ ବହୁତ କଷ୍ଟସାଧ ଥିଲା ତିନି ଭଉଣୀ କହିଛନ୍ତି, ଯେତେବେଳେ ସେମାନେ ଲୁଓିଜୋଙ୍କ ସାମ୍ନାରେ ବିବାହର ସର୍ତ୍ତ ରଖିଥିଲେ ସେ ଆଶ୍ଚର୍ଯ୍ୟ ହୋଇଗଲେ। ପରେ ତାଙ୍କୁ ସେମାନଙ୍କ ସର୍ତ୍ତ ମାନିବାକୁ ପଡିଲା ସେ ଆହୁରି କହିଛନ୍ତି, ଆମେ ତିନି ଭଉଣୀ ପିଲାଦିନରୁ ସବୁକିଛି ସେୟାର କରୁ ଏବଂ ବର୍ତ୍ତମାନ ସ୍ୱାମୀ ମଧ୍ୟ ସେୟାର କରିବୁ। ଆମେ ଲୁଓିଜୋଙ୍କୁ ବହୁତ ଭଲ ପାଉ।

## ପ୍ରଥମ ପୃଷ୍ଠାରୁ...

### ସୁବାସ...


ମେୟର ପ୍ରାର୍ଥୀ ଘୋଷଣା ଏବଂ ନିର୍ବାଚନ ପ୍ରସ୍ତୁତି କ୍ଷେତ୍ରରେ ବିଜେଡ଼ି ଏ ଯାଏ କଂଗ୍ରେସଠାରୁ ପଛରେ ରହିଛି। ଅନ୍ୟପଟେ ଆଜିର କାର୍ଯ୍ୟକ୍ରମରେ ସୁବାସଙ୍କ ସହିତ କୌଣସି ପ୍ରମୁଖ ନେତା ଦେଖା ନ ଯିବା ଘଟଣା, ଦଳରେ ସମସ୍ତେ ଏକଜୁଟ୍ ଅଛନ୍ତି ନା ନାହିଁ, ତାହାକୁ ନେଇ ଏକ ବିରାଟ ପ୍ରଶ୍ନ ସୃଷ୍ଟି କରିଛି। ଅନ୍ୟପଟେ କଂଗ୍ରେସ ମେୟର ପ୍ରାର୍ଥୀ ଘୋଷଣାବେଳେ ବିଧାୟକଙ୍କ ଇଂଜିନିୟର ମହମ୍ମଦ ମୋକିମଙ୍କ ସହିତ ଦଳର ବରିଷ୍ଠ ନେତା ସୁରେଶ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ମୋକିମ ଓ ସୁରେଶଙ୍କ ମତଭେଦକୁ ନେଇ ଆଲୋଚନା ହେଉଥିଲା। ଏଭଳି ସ୍ଥିତିରେ କଂଗ୍ରେସ ଏକଜୁଟ୍ ହେବାକୁ ଉଦ୍ୟମ କରୁଥିବାବେଳେ ବିଜେଡ଼ିର ଆଜିର କାର୍ଯ୍ୟକ୍ରମ ଦେଉଥିବା ବାର୍ତ୍ତାକୁ ନେଇ ଦଳୀୟ ମହଲରେ ବି ଜୋରଦାର ଆଲୋଚନା ହେଉଛି। ହେଲେ ସୁବାସ ସିଂ ଜଣେ ଯୋଗ୍ୟ ପ୍ରାର୍ଥୀ ବୋଲି କଟକ ସହରରେ ଆଲୋଚନା ଜୋରଦାର ହେଉଛି। କୌଣସି ନେତା କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ନ ରହିବା ଗୁରୁତ ଦିଆଯାଇନଥାଏ। କଟକ ସହରବାସୀଙ୍କ ପାଇଁ ଜଣେ ଯୋଗ୍ୟ ମେୟର ଆବଶ୍ୟକତା ଥିବାରୁ ପ୍ରାର୍ଥୀ ସୁବାସ ସିଂ ବିଜୟୀ ହେବା ନିଶ୍ଚିତ ବୋଲି କୁହାଯାଇ ସେ ଜଣେ ଯୋଗ୍ୟ ବ୍ୟକ୍ତି ହୋଇଥିବାରୁ କଟକବାସୀ ଆନନ୍ଦ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି।

### ବିଶ୍ୱର...

ୟୁକ୍ରେନ୍‌ରେ ଭାରତୀୟ ପତାକା ତ୍ରିରଙ୍ଗାରେ ରହି ପାକିସ୍ତାନୀ, ତୁର୍କୀ ପରି ଶତ୍ରୁ ରାଷ୍ଟ୍ରର ଛାତ୍ରଛାତ୍ରୀ ମଧ୍ୟ ସୁରକ୍ଷା ପାଇଛନ୍ତି। ୨୦୧୬ ସୁଦାନ ଗୃହଯୁଦ୍ଧ ପରିସ୍ଥିତିରେ ୧୫୦ ଭାରତୀୟ ଉଦ୍ଧାର ହୋଇଥିଲେ। ମହାଶକ୍ତିମାନେ ନିଜ ନାଗରିକଙ୍କୁ ବଞ୍ଚାଇବାରେ ପଛଘୁଞ୍ଚା ଦେଉଥିବା ବେଳେ ଭାରତ ତା'ର ନାଗରିକ ସାଥୀରେ ପରିବାର ପରି ଛିଡା ହୋଇଛି। କୋଭିଡ୍ ସମୟରେ ଭାରତ ସରକାର ୬୦ଲକ୍ଷ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିଥିଲେ। ବର୍ତ୍ତମାନ ୟୁକ୍ରେନ୍‌ରେ ଫସିଥିବା ୨୦ ହଜାର ଛାତ୍ରଙ୍କୁ ଭାରତ ସରକାର ୪ଜଣ ମନ୍ତ୍ରୀଙ୍କ ସହାୟତାରେ ସ୍ୱଦେଶ ଆଣିବାର ପ୍ରୟାସ ଜାରି ରଖିଛନ୍ତି।

ତେବେ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ସମୟରୁ ହିଁ ଉଭୟ ରୁଷିଆ ଓ ଆମେରିକାର ତୁଙ୍ଗନେତାମାନେ ଭାରତର ବୟାନକୁ ଚାହିଁ ବସିଥିଲେ। ଏଭଳି ସ୍ଥିତିରେ କ'ଣ କରିବା ଦରକାର, ଭାରତର ମତ କ'ଣ ? କାହାର ପକ୍ଷ ନ ନେଇ ପ୍ରଥମ ଦେଶ ଭାବେ ଭାରତ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲା। ଆଜି ଭାରତ ସମଗ୍ର ବିଶ୍ୱରେ ନିଜର ଶାନ୍ତିର ପ୍ରତୀକ ପାଲଟିଛି। ୭୦ ବର୍ଷ ପୂର୍ବର ଭାରତ ବିଶ୍ୱ ଦରବାରରେ ନିଶ୍ଚିତ ଭାବେ ଭାରତର ଦବଦବା ବଢିବ, ଏଥିରେ ଦ୍ୱିମତ ନାହିଁ।

### ୧୦୦...




ବ୍ୟବସ୍ଥା କରାଯାଇଛି।

ଏ ନେଇ ଭାରତରେ ଅବସ୍ଥାପିତ ଥିବା ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଏଲପୋଓ୍ୱେ ସୂଚନା ପ୍ରଦାନ କରିଛନ୍ତି।

ଏସବୁ ବସ୍ ମାଧ୍ୟମରେ ୟୁକ୍ରେନ୍‌ର ବିଭିନ୍ନ ଅଞ୍ଚଳରୁ ଭାରତୀୟଙ୍କୁ ପଡୋଶୀ ଦେଶସୀମାରେ ପହଞ୍ଚାଇ ଦିଆଯିବ। ୟୁକ୍ରେନ୍‌ରେ ଥିବା ଭାରତୀୟଙ୍କୁ ସୁରକ୍ଷିତ ଏୟାର ଲିଫ୍ଟ ସ୍ଥଳକୁ ଆଣିବା ରୁଷିଆ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ବିଦେଶରେ ମେଡିକାଲ ପଢୁଥିବା ୯୦% ଛାତ୍ର ଭାରତରେ କ୍ୱାଲିଫାଏ କରିବାରେ ଅସମର୍ଥ କେନ୍ଦ୍ରମନ୍ତ୍ରୀ



**ବେଙ୍ଗାଲୁରୁ(ସଂପର୍କବାର୍ତ୍ତା):-** ୟୁକ୍ରେନ୍ ଓ ରୁଷିଆ ଯୁଦ୍ଧରେ ଫସି ରହିଥିବା ଭାରତୀୟ ଛାତ୍ରଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଭାରତ ସରକାର ଅପରେଶନ ଗଙ୍ଗା ଅନ୍ତର୍ଗତ ଅଭିଯାନକୁ ଜୋରଦାର କରିଛନ୍ତି। ୟୁକ୍ରେନରେ ଲଗାତରେ ଯୁଦ୍ଧ ଚାଲିଥିବା ବେଳେ ମଙ୍ଗଳବାର ଖାର୍କିଭ ସହରରେ ରୁଷିଆ ସୈନ୍ୟଙ୍କ ଗୁଳିରେ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଇତିମଧ୍ୟରେ ଭାରତର କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଏକ ବିବାଦୀୟ ବୟାନ ସାମ୍ନାକୁ ଆସିଛି। ବିଦେଶରେ ଡାକ୍ତରୀ ଅଧ୍ୟୟନ ପାଇଁ ଯାଉଥିବା ୯୦ ପ୍ରତିଶତ କାରଣ ବିଷୟରେ ଆଲୋଚନା କରିବା ଏହା ଠିକ୍ ସମୟ ନୁହେଁ ବୋଲି ସେ କହିଛନ୍ତି। ତେବେ ଯେଉଁମାନେ ବିଦେଶରେ ଅଧ୍ୟୟନ କରି ଡାକ୍ତରୀ ଡିଗ୍ରୀ ହାସଲ କରନ୍ତି, ସେମାନଙ୍କୁ ବୈଦେଶିକ ମେଡିକାଲ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ। ଏହାପରେ ସେମାନେ ଭାରତରେ ଚିକିତ୍ସା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ବୋଲି ପ୍ରହ୍ଲାଦ ଯୋଶୀ କହିଛନ୍ତି। ଯୋଶୀଙ୍କ ବିବୃତ୍ତି ଏଭଳି ଏକ ସମୟରେ ଆସିଛି ଯେତେବେଳେ ୟୁକ୍ରେନରେ ହଜାର ହଜାର ଛାତ୍ର ଫସି ରହିଛନ୍ତି ଏବଂ ସରକାର ସେମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି।

# ୟୁକ୍ରେନରେ ଭାରତୀୟ ଛାତ୍ରଙ୍କ କାର୍ଯ୍ୟ ଦେଶର ଛାତି ଚଉଡା କରି ଦେଉଛି



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପୋଲାଣ୍ଡ ବର୍ଡରେ ପହଂଚିଛନ୍ତି ଜଣେ ଭାରତୀୟ ନାଁ ରୋନକ ରାଓ୍ୱଲା ସେ ଡେନମାର୍କରେ ରହୁନ୍ତି କିନ୍ତୁ ଏବେ ରୁଷ ଓ ୟୁକ୍ରେନ ଯଦ୍ଧୁ ସମୟରେ ଭାରତୀୟଙ୍କ ପାଇଁ ଅଣ୍ଟା ଭିଡିଛନ୍ତି। ପହଂଚି ଯାଇଛନ୍ତି ପୋଲାଣ୍ଡ ବର୍ଡରରେ । ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରେ ଫସିଥିବା ସବୁ ଦେଶରେ ଲୋକଙ୍କୁ ବାହାରକୁ କାଢୁଛନ୍ତି। ୟୁକ୍ରେନ-ପୋଲାଣ୍ଡ ବର୍ଡରରେ ଆମ ଭାରତୀୟଙ୍କ ଏଭଳି କାର୍ଯ୍ୟ ଦେଖି ଦେଶବାସୀ ଖୁବ ଗର୍ବ ଅନୁଭବ କରୁଛନ୍ତି। ସତରେ ଏଭଳି ମାନବିକତା କେବଳ ଭାରତୀୟ ପାଖରେ ହିଁ ଦେଖିବାକୁ ମିଳେ। ରୁଷ ୟୁକ୍ରେନ ରାଜଧାନୀକୁ ନିଜ କବଜାକୁ ନେବାକୁ କଳବଳ କୌଶଳ ଲଗାଉଛି। ୟୁକ୍ରେନର ଅନେକ ସହର ଏବେ ପାଉଁଶ ଗଦାରେ ପରିଣତ ହୋଇଛି। ଲୋକେ ନିଜ ଘରଦ୍ୱାର ଛାଡି ଦେଶ ଛାଡିବାକୁ ଲାଗିଛନ୍ତି। ଏହି ସମୟରେ ଭଗବାନଙ୍କ ଦୂତ ସାଜି ଲୋକଙ୍କୁ ସାହାର୍ଯ୍ୟ କରୁଛନ୍ତି ଭାରତୀୟ ବନ୍ଧୁ। ୟୁକ୍ରେନ ଲୋକଙ୍କ ପାଇଁ ଭଗବାନ ସାଜିଛନ୍ତି ରୋନକ ପାଖପାଖି ୫୦ ମହିଳା, ୪୦ଶିଶୁଙ୍କୁ ନିଜ ହେପାଜତରେ ରଖିଛନ୍ତି ରୋନକା ଖାଲି ବର୍ଡରରୁ ନୁହେଁ ସେ ଯଦ୍ଧୁ ବିରାମ ସମୟରେ ଖାର୍କିଭରୁ ମହିଳା ଏବି ଶିଶୁଙ୍କୁ ଉଦ୍ଧାର କରୁଛନ୍ତି। ତା ସହ ନିଜ୍ସ୍ୱ ଖର୍ଚ୍ଚରେ ରହିବା ଖାଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ୨ହଜାର ଲୋକଙ୍କୁ ଏ ପର୍ଯ୍ୟନ୍ତ ଉଦ୍ଧାର କରି ସାରିଲେଣି ରୋନକ । ତାଙ୍କୁ ଦେଖି ଲାଗୁଛି ସତରେ ବଡ ଲୋକ ହେବା ପାଇଁ ବଡ ହୃଦୟ ରହିବା ନିହାତି ଦରକାର, ଯାହା ପ୍ରମାଣ କରି ଦେଖାଉଛନ୍ତି ଜଣେ ଭାରତୀୟ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ମାର୍ଚ୍ଚ ୭ ରୁ ୧୩, ୨୦୨୨, ଜଗତସିଂହପୁର
March 7 to 13, 2022, Jagatsinghpur

www.samparkabarta.in




## କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କୁ ଟକ୍କର ଦେବାକୁ ୫୪ ନଂ ୱାର୍ଡ଼ରେ କେହି ନାହାନ୍ତି

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ (ସିଏମସି) ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହେବା ପରେ ପ୍ରାର୍ଥୀମାନେ ଘର ଘର ବୁଲିବା ସହିତ ବିଭିନ୍ନ ଜାଗାରେ କର୍ମୀ ସମ୍ମିଳନୀ କରାଇ ନିଜ ନିଜ ସପକ୍ଷରେ ପ୍ରଚାର ଆରମ୍ଭ କରିଦେଇଛନ୍ତି।

ଏହି ଅବସରରେ ୫୪ ନଂ ୱାର୍ଡ଼ର ଶାସକ ଦଳ ଦୀର୍ଘଦିନ ଧରି ଶାସକ କରିବା ସହ ଏଠାରେ ପରିବାର ବାଦର ରାଜନୀତି ସୃଷ୍ଟି ହୋଇଛି। ଏପରି କାର୍ଯ୍ୟକଳାପକୁ ୱାର୍ଡ଼ବାସୀ ଦୃଢ଼ ବିରୋଧ କରୁଛନ୍ତି। ଏହି ୫୪ନଂ ୱାର୍ଡ଼ରୁ କଂଗ୍ରେସ ଦଳ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ନବାଗତ ପ୍ରାର୍ଥୀ ତଥା ଯୁବ ସମାଜସେବୀ ହିମାଂଶୁ ଶେଖର ସାହୁ (ବାବୁ)। ଅପରପକ୍ଷେ ଏହି ୱାର୍ଡ଼ରେ ବିଜେପି ସ୍ଥିତ ଭଲ ନ ଥିବାରୁ ଲଢ଼େଇ ମୁଖ୍ୟତଃ କଂଗ୍ରେସ ଓ ବିଜେଡ଼ି ମଧ୍ୟରେ ହେବ ବୋଲି ଜନସାଧାରଣରେ ଚର୍ଚ୍ଚା ଯୋର ଧରିଛି। ସମାଜସେବୀ ହିମାଂଶୁ ଦୀର୍ଘଦିନ ଧରି ସମାଜସେବା କ୍ଷେତ୍ରରେ ଜଡ଼ିତ ଥିଲେ ମଧ୍ୟ ୱାର୍ଡ଼ରେ ରହିଥିବା ମୌଳିକ ସମସ୍ୟା ପ୍ରତି ଅଣଦେଖା କରାଯାଉଥିବାରୁ ଏହାକୁ ସମାଧାନ କରିବା ଦିଗରେ ଚଳିତ ନିର୍ବାଚନରେ ସେ ଅବତରଣ କରିଛନ୍ତି। ଦୀର୍ଘଦିନ ଧରି ଶାସକ ଦଳର ଶାସନ ଡୋରିରେ ୱାର୍ଡ଼ବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଏଥର ୱାର୍ଡ଼ବାସୀ ଶାସକ ଦଳକୁ ପ୍ରତ୍ୟାଖାନ କରିବା ସହିତ ଦକ୍ଷ ନେତୃତ୍ୱଧାରୀ ବ୍ୟକ୍ତିଙ୍କ ହାତରେ ଶାସନ ଡୋରିକୁ ଅର୍ପଣ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି। ୱାର୍ଡ଼ବାସୀଙ୍କ ମୋ ପ୍ରତି ଥିବା ସମର୍ଥନ ଓ ଆର୍ଶୀବାଦ ମୋ ପାଇଁ ସଫଳତାର ସିଢ଼ି ହେବ ବୋଲି ସମାଜସେବୀ ହିମାଂଶୁ ଶେଖର ସାହୁ (ବାବୁ) ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୫୩ନଂ ୱାର୍ଡ଼ରେ ପ୍ରାର୍ଥୀ ଅରବିନ୍ଦ ଜେନା ପ୍ରଥମ ପସନ୍ଦ



**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡ଼ରେ ବିଜୁ ଜନତା ଦଳର କର୍ପୋରେଟର ପ୍ରାର୍ଥୀ ଚୟନକୁ ନେଇ ଦୀର୍ଘଦିନ ଧରି ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଥିଲା। ଏହି ୱାର୍ଡ଼ରୁ ଅନେକ ଆଶାୟୀ ରହିଥିଲେ ମଧ୍ୟ ବିଜେଡ଼ି ଦଳୀୟ ନେତୃମଣ୍ଡଳୀ ଚଳିତ ମହାନଗର ନିଗମ ନିର୍ବାଚନରେ ଅରବିନ୍ଦ ଜେନାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ପ୍ରଦାନ କରିଛନ୍ତି। ଅରବିନ୍ଦ ନବାଗତ ପ୍ରାର୍ଥୀ ହୋଇଥିଲେ ମଧ୍ୟ ୱାର୍ଡ଼ରେ ବହୁ ଜନହିତକର କାର୍ଯ୍ୟକରି ୱାର୍ଡ଼ାସୀଙ୍କ ମନ କିଣିବାରେ ସଫଳ ହୋଇପାରିଛନ୍ତି। ଚଳିତ ନିର୍ବାଚନରେ ୱାର୍ଡ଼ର ପ୍ରତ୍ୟେକ ବାସିନ୍ଦାଙ୍କ ମୌଳିକ ସମସ୍ୟା ଏବଂ ୱାର୍ଡ଼ରେ ବାକି ରହିଯାଇଥିବା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତାଙ୍କର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ୫୩ନଂ ୱାର୍ଡ଼ର ବିଜୁ ଜନତା ଦଳର କର୍ପୋରେଟର ପ୍ରାର୍ଥୀ ଅରବିନ୍ଦ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଗୀତ ଗାଇଲେ ରାଜ୍ୟପାଳ ଗଣେଶୀ ଲାଲ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଆ ପ୍ରେମରେ ଓଡିଶା ରାଜ୍ୟପାଳ। ଓଡିଆରେ ଗୀତ ଗାଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବେ ପୁଣି ଏକ ଓଡିଆ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗୀତ ଗାଇଛନ୍ତ। ନିର୍ଦ୍ଦେଶକ ପ୍ରେମନନ୍ଦଙ୍କ ନିର୍ଦ୍ଦେଶନାରେ କଟକରେ ଏକ ମ୍ୟୁଜିକ ଷ୍ଟୁଡିଓରେ ଏହି ଗୀତ ରେକର୍ଡିଂ କରାଯାଇଛି।

ଏଇ ମାଟି ମାଆର ଗାଥା ହେଉ ଅବା କଥା, ଯେବେ ଯେବେ ସମୟ ମିଳିଛି ନିଜର ଯାଦୁଗରୀ ସ୍ୱରରେ ସେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ପ୍ରଥମେ ଏଇ ମାଟି ଓଡ଼ିଶା ସଂଗୀତରେ କଣ୍ଠଦାନ ଆଉ ଏବେ ଓଡ଼ିଆଙ୍କ ଆନ୍, ବାନ୍ ଓ ଶାନ- ବନ୍ଦେ ଉତ୍କଳ ଜନନୀ ଗୀତରେ କଣ୍ଠଦାନ କରିଛନ୍ତି ରାଜ୍ୟପାଳ।

ଦ୍ୱିତୀୟଥର ରେକର୍ଡିଂ ଷ୍ଟୁଡିଓକୁ ଯାଇ ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ ରାଜ୍ୟପାଳ ଗୀତ ଗାଇଛନ୍ତି। ଏମିତିକି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏଇ ରାଜ୍ୟର ମାଟି, ପାଣି ଓ ପବନର ପ୍ରେମରେ ପଡିଛନ୍ତି। ଓଡ଼ିଶାର ଭାଷା ସାହିତ୍ୟ ଓ ସଂସ୍କୃତିକୁ ଭଲପାଉଥିବାର ସେ ଜଣେ ବିରଳ ଉଦାହରଣ ଓ ବ୍ୟକ୍ତିତ୍ୱ।

ସୂଚନା ଅନୁସାରେ, ରାଜ୍ୟପାଳ ଏହି ଗୀତ ଗାଇବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଗୀତର ଟ୍ରାକ୍‌କୁ ନେଇ ରାଜଭବନ ଯାଇଥିଲେ। ଟ୍ରାକ୍ ଶୁଣି ଗୀତ ଗାଇବା ପାଇଁ ରାଜି ହେବାପରେ ଏହି ଗୀତ ରେକର୍ଡିଂ କରାଯାଇଛି। କେବଳ ଗୀତ ରେକର୍ଡିଂ ନୁହେଁ ଗୀତର ମ୍ୟୁଜିକ୍ ଭିଡିଓରେ ମଧ୍ୟ ଅଭିନୟ କରିବା ପାଇଁ ରାଜ୍ୟପାଳ ସହମତି ଦେଇଛନ୍ତି। ଏହି ଗୀତରେ ରାଜ୍ୟପାଳଙ୍କ ସହ ହ୍ୟୁମାନ ସାଗର ଓ ଦିପ୍ତୀରେଖା ମଧ୍ୟ କଣ୍ଠଦାନ କରିଛନ୍ତି। ଏହି ଗୀତଟିର ସମୟ ଅବଧି ୩ ମିନିଟ୍ ୪୦ ସେକେଣ୍ଡ ହୋଇଥିବା ବେଳେ ଏହା ଖୁବ୍ ଶିଘ୍ର ରିଲିଜ୍ ହେବାକୁ ଯାଉଛି।

## ପଞ୍ଚାୟତ ରେଜଲ୍ଟକୁ ନେଇ ଅପରାଜିତାଙ୍କ ବୟାନ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟର ଏଥର ଫଂଚାୟତ ନିର୍ବାଚନ ବିପୁଳ ଭୋଟ୍ ହାସଲ କରିଛି ବିଜେଡି। ରେଜଲ୍ଟରେ ବିଜେଡିର ପାଖ ମାଡିପାରିନାହାନ୍ତି ବିରୋଧୀ ଅନ୍ୟପଟେ ବିରୋଧୀ ଦଳ ବିଜେପି ଓ କଂଗ୍ରେସର କର୍ମୀମାନେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ଦେଉଥିବା ଶୁଣିବାକୁ ମିଳୁଛି। ଏହାରି ମଧ୍ୟରେ ଫଂଚାୟତ ଫଳାଫଳକୁ ନେଇ ସାଂସଦ ଅପରାଜିତା ଷଡଙ୍ଗୀ ବଡ ବୟାନ ଦେଇଛନ୍ତି।

ସାଂସଦ ଅପରାଜିତାଙ୍କ କହିବା ମୁତାବକ, ସୂର୍ଯ୍ୟାସ୍ତ ପରେ ସୂର୍ଯ୍ୟୋଦୟ ହୁଏ। ଅନ୍ଧକାର ପରେ ହିଁ ପ୍ରକାଶ ଆସିବ। ଆମର ତ୍ରୁଟି ଅଛି, ବିଜେପିର ମଧ୍ୟ ତ୍ରୁଟି ଅଛି। ଦକ୍ଷତା ଅନୁଯାୟୀ ପ୍ରଦର୍ଶନହେଲାନି ସମୀକ୍ଷା ଚାଲିଛି। ଏବେ ବି କର୍ମୀ ଙ୍କ ଭିତରେ ଉତ୍ସାହ ଓ ଆତ୍ମବିଶ୍ୱାସ ରହିଛି। ଏହା ସହ ଫଂଚୟାତ ଫଳାଫଳ ପୌର ଉପରେ ପଡିବ ନାହିଁ ବୋଲି ସେ କହିଛନ୍ତି।

## କଟକ ସଦର ବ୍ଲକ୍‌ରେ ସିନୋଜା ମହାନ୍ତିଙ୍କ ଧାରଣା

**କଟକ(ସଂପର୍କବାର୍ତ୍ତା):-** ଗଡିରାଉତପାଟଣା ପଞ୍ଚାୟତ ସମିତି ସରପଞ୍ଚ ପ୍ରାର୍ଥୀ ସିନୋଜା ମହାନ୍ତିଙ୍କୁ ସଦର ବ୍ଲକ ଉନ୍ନୟନ ଅଧିକାରୀଙ୍କ ଚାପର ବଶବର୍ତ୍ତୀ ହୋଇ ଧର୍ମଗୁଳାରେ ହରାଇଥିବା ଅଭିଯୋଗ କରି ତାଙ୍କ ସମର୍ଥକମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଭୋଟ ଗଣତି ସମୟରେ ରହିଥିବା ସ୍ୱିନୋଜା ମହାନ୍ତିଙ୍କ ଏଜେଣ୍ଟ ନିର୍ମଳ ଜେନା, ପ୍ରତାପ ରାଉତ କହିଛନ୍ତି ଯେ, ସେ ଦିନ ଗଣତି ଶେଷରେ ବ୍ଲକ ନିର୍ବାଚନ ଅଧିକାରୀ ବିଡ଼ିଓ ଶ୍ରୀ ପରିଡ଼ା ରାତି ୧ଟା ବେଳେ ହଳଲଙ୍ଗଳ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସ୍ୱିନୋଜା ମହାନ୍ତି ୨ ଖଣ୍ଡ ଭୋଟରେ ଜିତିଲେ ବୋଲି ଘୋଷଣା କରିଥିଲେ। ସେତେବେଳେ ଅଧିକାଂଶ ବାଲାଟ ବାକ୍ସ ଜଉମୁଦ ଦେଇ ସିଲ୍ କରିଥିଲେ। କିନ୍ତୁ ପୁଣି ତା' ପରେ ଭୋଟ ଦୁଇ ଥର ଗଣା ହେଲା। ପୂର୍ବରୁ ଯାହା ଥିଲା ସେଇଆ ହେଲା। ହଠାତ୍ ଛତା ଚିହ୍ନ ପକ୍ଷରୁ ୪ର୍ଥ ବାକ୍ସର ଭୋଟ ଗଣତିପାଇଁ ଦାବି ହେଲା। ପୁନର୍ବାର ଗଣନା ବେଳେ ହଳଲଙ୍ଗଳ ଚିହ୍ନ ଥିବା ବାକ୍ସରୁ ଛତା ଚିହ୍ନ ଥିବା ବାଲାଟ ପେପର ବାହାରିଲା। ତାପରେ ବିଡ଼ିଓ ହଳଲଙ୍ଗଳ ଚିହ୍ନ ଏକ ବାଲାଟ ନାକଚ କରିଥିଲେ। ଆମେ ପ୍ରତିବାଦ କରିବାରୁ ଆମକୁ ଧମକ ଦେଇ ଚୁପ୍ ବସିବାକୁ କହି ତା'ର ଜାଲି ଆରପଟେ ଧର୍ମଗୁଳ ପକାଇ ଛତା ଚିହ୍ନ ଜିତିଲା ବୋଲି ରାତି ୪ଟାରେ ଘୋଷଣା କରିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଗିରିଜା ପ୍ରସାଦ ବାରିକଙ୍କୁ ନ୍ୟାୟ ପାଇଁ ଦାବିପତ୍ର ଦେବା ସହିତ ଏହାର ନକଲ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦେଇଛନ୍ତି। ପୁଣି ଥରେ ସେଠାରେ ଭୋଟ ଗଣତିପାଇଁ ସେମାନେ ଦାବି କରିଛନ୍ତି।

**ଗଡିରାଉତପାଟଣା ପଞ୍ଚାୟତ ସରପଞ୍ଚ ଭୋଟ୍ ପୁନଃ ଗଣତି ଦାବି**

## I & PRର ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ଅବସର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଭାଗ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କର୍ମଚାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ଲୋକସଂପର୍କ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେଲିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଉପନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରୁଥିବା ବୈଷୟିକ ନିର୍ଦ୍ଦେଶକ ଶ୍ରୀ ସେଠୀଙ୍କ କାର୍ଯ୍ୟଦକ୍ଷତା, ଲୋକସଂପର୍କ କ୍ଷେତ୍ରରେ ତାଙ୍କର ସକ୍ରିୟ ଭୂମିକା ଏବଂ ସରକାରୀ କାର୍ଯ୍ୟକୁ ସଂପାଦନ କରିବାରେ ତାଙ୍କର ସାର୍ଥକ ପ୍ରୟାସ ସଂପର୍କରେ ଆଲୋକପାତ କରିଥିଲେ। ବିଶେଷ କରି କୋଭିଡ୍ ମହାମାରୀ ସଂକ୍ରମଣର ମୁକାବିଲା ଦିଗରେ ବିଭିନ୍ନ ଗଣମାଧ୍ୟମରେ ସିଧା ପ୍ରସାରଣ କରାଯାଇ ଜନସଚେତନତା ସୃଷ୍ଟି, ଇ-ବିଜ୍ଞାପନ ବ୍ୟବସ୍ଥା ପ୍ରଚଳନ, ସମ୍ବାଦିକଙ୍କ କଲ୍ୟାଣ, ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।



ସେହିପରି ବିଭାଗର ବରିଷ୍ଠ ନିରୀକ୍ଷକ ପ୍ରେମାନନ୍ଦ ପଟ୍ଟନାୟକ ମଧ୍ୟ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ମଧ୍ୟ ଏହି ଅବସରରେ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଲେ ବିସ୍ମୟ ବଙ୍କଳ ପିୟୁଷ / ଚର୍ଚ୍ଚାରେ ବିସ୍ମୟ ବଙ୍କଳ ଗ୍ରାଣ୍ଡମାଷ୍ଟର ଶ୍ରୀମାନ ପିୟୁଷ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ସ୍ଥିତ ସତ୍ୟବିହାରର ବାସିନ୍ଦା ହେଲେ ଶ୍ରୀଯୁକ୍ତ ରଞ୍ଜନ ନାୟକ ଏବଂ ନିର୍ଲିପ୍ତା ପ୍ରିୟଦର୍ଶିନୀ। ଏମାନଙ୍କର କୋଳମଣ୍ଡନ କରିଥିବା ବିସ୍ମୟ ବାଳକ ଶ୍ରୀମାନ ପିୟୁଷ (ପିୟୁଷ ରଞ୍ଜନ ନାୟକ)। ମାତ୍ର ୪ ବର୍ଷ ୧୦ମାସରେ ନିଜକୁ ଏସିଆ ବୁକ୍ ଅଫ ରେକର୍ଡରେ ନିଜକୁ ଗ୍ରାଣ୍ଡ ମାଷ୍ଟର ରୂପେ ସ୍ଥାନିତ କରିଛନ୍ତି। ଶ୍ରୀମାନ ପିୟୁଷ ଏହି ଅଳ୍ପ ବୟସରୁ ତାଙ୍କ ଧୀଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ସେ ପାଂଚମିନିଟ୍‌ରେ ସର୍ବାଧିକ ୪୪ଟି ଦେଶର ରାଜଧାନୀ ଏବଂ ମୁଦ୍ରାର ନାମ କହି ଏହି ସଫଳତା ହାସଲ କରିଛନ୍ତି। ପ୍ରକାଶ ଥାଉକି ୨୦୨୧ ଅକ୍ଟୋବର ମାସରେ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ନିଜକୁ ସ୍ଥାନିତ କରିଥିଲେ। ସେ ୧୨୦ ଟି ଦେଶର ପତାକା ଚିହ୍ନି କହିପାରୁଥିଲା ବେଳେ ୧୫ଟି ଦେଶର ସଂକେତ ଚିହ୍ନି ପାରୁଛନ୍ତି। ଗତ ସେପ୍ଟମ୍ବର ମାସରେ ସଂଚାର ଯୋଗେ ପିୟୁଷଙ୍କ ପିତାମାତା ଆବେଦନ କରିଥିଲେ। ଅକ୍ଟୋବରରେ ସଂଚାର ମାଧ୍ୟମରେ ଏକ ପରୀକ୍ଷା କରାଯାଇଥିଲା ଯେଉଁଥିରେ ପିୟୁଷ କୃତକାର୍ଯ୍ୟ ହୋଇ ନିଜକୁ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ନିଜକୁ ସ୍ଥାନିତ କରିଥିଲେ।ଏସିଆ ବୁକ୍ ଅଫ ରେକର୍ଡ ତରଫରୁ ତାଙ୍କୁ ଏକ ପ୍ରମାଣପତ୍ର ସହ ପଦକ ପଠା ଯାଇଛି ଯାହାକୁ ପାଇ ସେ ଆନନ୍ଦରେ ଆତ୍ମହରା ହୋଇଛନ୍ତି। ସ୍ୱତନ୍ତ୍ର ବିଚାରକଙ୍କ ଉପସ୍ଥିତିରେ ଭିଡିଓ ମାଧ୍ୟମରେ ପରୀକ୍ଷା କରାଯିବା ସହ କିଛି ଭିଡିଓ ପ୍ରମାଣ ପାଇଁ ବିଚାରକୁ ନିଆଯାଇଥିଲା। ଏସବୁ ତାଙ୍କ ମାଆଙ୍କ ପ୍ରେରଣାର ଫଳ ବୋଲି ଶ୍ରୀମାନ ପିୟୁଷ କହିଛନ୍ତି। ବଡହେଲେ ଜଣେ ଆଇ.ପି.ଏସ୍ ଅଫିସର ହେବାପାଇଁ ଲକ୍ଷ ରଖିଥିବା ପିୟୁଷଙ୍କ ଉପରେ ସମଗ୍ର ସତ୍ୟବିହାରବାସୀ ଆଶୀର୍ବାଦ ଢାଳିଦେବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

## ସଚିବ ସତ୍ୟବ୍ରତ ସାହୁ ପ୍ରଶିକ୍ଷଣ ଶିବିରକୁ କଲେ ଉଦ୍‌ଘାଟନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ ଅନ୍‌ଲାଇନ୍ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହ ସମସ୍ତଙ୍କୁ ୫-ଟି ଆଧାରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସବ୍-ରେଜିଷ୍ଟ୍ରାରଙ୍କ ପରି ଅଧିକାରୀଙ୍କ ଭୂମିକା ଏବଂ ସାଧାରଣ ଲୋକଙ୍କ ପାଇଁ ପଞ୍ଜୀକରଣ ସେବାର ଗୁରୁତ୍ୱ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ରେଜିଷ୍ଟ୍ରେସନ୍ ଅଫିସ୍‌ଗୁଡିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଅଧିକାରୀମାନଙ୍କର ସକ୍ରିୟ ଯୋଗଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କୁ ୫-ଟି ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ଅର୍ଥାତ୍ ଭୟ କିମ୍ବା ଅନୁଗ୍ରହ ବିନା ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବା, ନାଗରିକମାନଙ୍କୁ ପଞ୍ଜୀକରଣ ସେବାଗୁଡିକ ଠିକ୍ ସମୟରେ ପହଞ୍ଚାଇବା, ଟିମ୍‌ୱାର୍କ ଓ ସମୟ ସହିତ ଟେକ୍ନୋଲୋଜିର ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଇଥିଲା ଏବଂ ଏହା ଦ୍ୱାରା ସେମାନେ ନିଜ ନିଜ କାର୍ଯ୍ୟାଳୟରେ ପରିବର୍ତ୍ତନର ବାର୍ତ୍ତାବହ ଭାବରେ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଥିଲେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିବାରୁ ଆଇଜିଆର, ଓଡ଼ିଶା ଗଭୀର କୃତଜ୍ଞତା ଜଣାଇଥିଲେ ଏବଂ ଡେପୁଟି ଆଇଜିଆର ଓ ଡିଏସ୍‌ଆର, ଜଗତସିଂହପୁର ଏବଂ କଟକ ନୂତନ ସବ୍-ରେଜିଷ୍ଟ୍ରାରମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ଜଗତସିଂହପୁର ୧୫ନଂ ବିଜେଡି କାଉନସିଲର ପ୍ରାର୍ଥୀ ମନୋଜ ମହାନ୍ତି



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌର ପରିଷଦ ନିର୍ବାଚନ ପାର୍ଥି ପତ୍ର ଦାଖଲର ଆଜି ତୃତୀୟ ଦିନ। ତୃତୀୟ ଦିନରେ ଫର୍ମ ବିକ୍ରି ବୃଦ୍ଧି ପାଉଥିବା ବେଳେ ପ୍ରଥମ ପ୍ରାର୍ଥୀ ଭାବେ ୧୫ନମ୍ବର ୱାର୍ଡ ପାଇକଣ, କାଳିଆବୋରାର ବିଜୁଜନତା ଦଳର କାଉନସିଲର ପ୍ରାର୍ଥୀ ମନୋଜକୁମାର ମହାନ୍ତି ନିଜର ସମର୍ଥକ ମାନଙ୍କୁ ଧରି ଜିଲ୍ଲାପାଳ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ଙ୍କ ନିକଟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦୀର୍ଘ ଦିନହେବ କଂଗ୍ରେସ ଦଳ ୧୫ ନମ୍ବର ୱାର୍ଡକୁ ଦଖଲ କରି ରଖିଥିବା ବେଳେ ଅଞ୍ଚଳରେ କୌଣସି ପ୍ରକାର ବିକାଶ କାର୍ଯ୍ୟ ହୋଇ ପାରିନାହିଁ ବୋଲି ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ ମନୋଜ ମହାନ୍ତି କହିଥିଲେ। ତେବେ ୱାର୍ଡରେ ଅନେକ ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱୀତ କରାଯିବା ନେଇ ସେ ନିର୍ବାଚନ ଲଢୁଥିବା କହିଛନ୍ତି।

## ଅଯୋଧ୍ୟାପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦେବାଂଶୁ ସେନାପତିଙ୍କ କୃତିତ୍ୱ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ୍ ଅଧିନ ଅଯୋଧ୍ୟାପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ର ଦେବାଂଶୁ ସେନାପତି ସରକାରୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ମା ସନ୍ଧ୍ୟାରାଣୀ ସେନାପତି ଓ ପିତା ଦେବେନ୍ଦ୍ର ସେନାପତି ବିନା ଟିଉସନରେ ପାଠ ପଢାଇ ତାଙ୍କର ପୁଅର ଏହି ସଫଳତା ହାସଲ କରିଛନ୍ତି। ଏହି ମେଧାବୃତ୍ତି ପାଇଥିବାରୁ ଅଯୋଧ୍ୟାପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଅଂଶୁମାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ/ଗୁରୁମା, ପରିଚାଳନା କମିଟିର ସଭାପତି ଅଜୟ ତ୍ରୀପାଠି,



ସଂପାଦକ ହେମନ୍ତ ସାହୁ ଓ ସମସ୍ତ ସଦସ୍ୟ ଦେବାଂଶୁକୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ପାଦକୀୟ

## ସଂକଟରେ ବିଶ୍ୱ ଅର୍ଥନୀତି

କରୋନା ପାଇଁ ବିଶ୍ୱ ଅର୍ଥନୀତି ଦୋହଲି ଯାଇଥିବାବେଳେ ସମ୍ପ୍ରତି ଋଷ ଓ ୟୁକ୍ରେନ୍ ଯୁଦ୍ଧ ଅର୍ଥନିତିକୁ ଆହୁରି ସଂକଟ ଭିତରକୁ ଠେଲିଦେଇଛି। ୧୯୪୫ ପରେ ୟୁରୋପରେ ଯୁଦ୍ଧର ଘନଘଟା ପରିଲକ୍ଷିତ ହୋଇଥିବାବେଳେ ତାହା ବିଶ୍ୱବାସୀଙ୍କୁ ଆତଙ୍କିତ କରିଦେଇଛି। ଏହି ଯୁଦ୍ଧ ପାଇଁ ହଠାତ୍ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିବାବେଳେ ବିଶ୍ୱର ବଜାର ସୂଚକାଙ୍କ ବି ବହୁମାତ୍ରାରେ ହ୍ରାସ ପାଇଛି। ଦୁଇଦିନ ଭିତରେ ବଜାରରୁ ଲକ୍ଷ ଲକ୍ଷ କୋଟି ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଛି।

ଋଷ ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ଦର ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ୨୦୧୪ ପରେ ପ୍ରଥମ ଥର ପାଇଁ ଅଶୋଧିତ ତେଲ ଦର ବ୍ୟାରେଲ୍ ପିଛା ୧୦୦ ଡଲାରରେ ପହଁଚିଛି। ସେହିପରି ୟୁରୋପରେ ପ୍ରାକୃତିକ ଗ୍ୟାସ ଦର ୬୨% ବୃଦ୍ଧି ପାଇଛି। ୟୁକ୍ରେନ୍ ଉପରେ ଋଷର ଆକ୍ରମଣକୁ ବିଶ୍ୱ ସମୁଦାୟ ନିନ୍ଦା କରୁଥିଲେ ବି ଋଷ ବିରୋଧରେ ଯୁଦ୍ଧ ପାଇଁ ମହାଶକ୍ତିଗୁଡିକ ଆଗେଇ ଆସୁନାହାଁନ୍ତି।

କାହିଁକିନା ବଡ ଯୁଦ୍ଧ ହେଲେ ଅର୍ଥନୀତିକୁ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ ବୋଲି ସେମାନେ ଆକଳନ କରୁଛନ୍ତି।

ସମ୍ପ୍ରତି ଯୁଦ୍ଧ ପାଇଁ ବିଶ୍ୱ ଅର୍ଥନୀତିରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବାବେଳେ ବହୁ ଦେଶର ଆର୍ଥିକ ବଜାରଗୁଡିକ ସୁପ୍ତ ହୋଇଯାଇଛି। ତୈଳ ଦର ବୃଦ୍ଧି ପାଇଲେ ଖାଉଟି ସାମଗ୍ରୀ

### ଋଷ-ୟୁକ୍ରେନ୍ ଯୁଦ୍ଧ

ଦରଦାମ ବି ବୃଦ୍ଧି ପାଇବା ନିଶ୍ଚିତ ହୋଇଯାଇଛି। ଯାହାଫଳରେ ଯୁଦ୍ଧ ସହ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଯୋଡି ହୋଇନଥିଲେ ବି ସାଧାରଣ ନାଗରିକ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ। ସେହିପରି ବଜାରରେ ଅସ୍ଥିରତା ସୃଷ୍ଟି ହେଲେ ନିବେଶକମାନେ ବି ବିପୁଳ କ୍ଷତି ସହିବେ। ଗାଏମୋଟ କହିଲେ ଗରିବଠୁ ଧନୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପ୍ରଭାବ ପଡିବା ଆରମ୍ଭ ହୋଇଛି।



ସମ୍ପାଦକ

କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ମଧ୍ୟ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ ଅର୍ଥନୀତିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଏବଂ ମୁଦ୍ରାନୀତିକୁ କଠୋର କରିବା ଦିଗରେ ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ମାନସମନ୍ଥନ ଆରମ୍ଭ କରିଦେଇଛନ୍ତି। ଋଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଯେତେ ଅଧିକ ଦିନ ଧରି ଜାରି ରହିବ ଅର୍ଥନୀତି ଉପରେ ପ୍ରଭାବ ସେତିକି ଗୁରୁତର ଭାବେ ପରିଲକ୍ଷିତ ହେବାର ଆଶଙ୍କା ରହିଛି।

ଏସବୁ ଭିତରେ ଗୋଟିଏ ଭଲ କଥା ହେଉଛି, ଏହି ଆର୍ଥିକ ସଂକଟ ପ୍ରଥମେ ଋଷ, ୟୁରୋପୀୟ ସଂଘ ଭଳି ଦେଶଗୁଡିକରେ ପରିଲକ୍ଷିତ ହେବ। ଏସିଆ ଉପରେ ଏହାର ବଡ ପ୍ରଭାବ ପଡିବନାହିଁ ବୋଲି କେତେକ ଅର୍ଥନୀତିଜ୍ଞ ଅନୁମାନ କରୁଛନ୍ତି। କିନ୍ତୁ ଅନ୍ୟ କେତେକ ଅର୍ଥନୀତିଜ୍ଞଙ୍କ ମତରେ ଅର୍ଥନୀତି ଏକ ଶୃଙ୍ଖଳ ବା ଚେନ ବ୍ୟବସ୍ଥାରେ ଗତିଶୀଳ ହେଉଥିବାରୁ ଏସିଆ ଉପରେ ବି ଏହାର ପ୍ରତିକୂଳ ପ୍ରଭାବ ପଡିବାର ଆଶଙ୍କା ରହିଛି। ଏହାର ପ୍ରତିଫଳନ ବି ଆମେ ଦେଖିବାକୁ ପାଇସାରିଛେ। ସେୟାର ବଜାର ଖସି ଯାଇଥିବାବେଳେ ନିବେଶକମାନେ ଚିନ୍ତାରେ ପଡିଯାଇଛନ୍ତି।

ଅର୍ଥନୀତିକୁ ସଜାଡିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯିବା ଦରକାର ସେନେଇ ମଧ୍ୟ ବହୁ ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆମେରିକା ଓ ୟୁରୋପର କେନ୍ଦ୍ରୀୟ ବ୍ୟାଙ୍କଗୁଡିକମାନେ ପ୍ରଥମେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ରୋକିବାର ଆବଶ୍ୟକତା ରହିଛି। ଯଦି ଯୁଦ୍ଧ ଲମ୍ବା ଅବଧି ପର୍ଯ୍ୟନ୍ତ ଜାରି ରହେ କିମ୍ବା ଯୁଦ୍ଧ ବନ୍ଦ ହେଲେ ମଧ୍ୟ ଯୁଦ୍ଧ ଭଳି ପରିସ୍ଥିତି ଦେଇ ୟୁରୋପ ଗତି କରିବାର ଆଶଙ୍କା ରହିଥାଏ ତେବେ ଶକ୍ତି କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହେବା ନିଶ୍ଚିତ। ୟୁରୋପରେ ଯଦି ଗ୍ୟାସ ଯୋଗାଣ ବନ୍ଦ ହୋଇଯାଏ ତେବେ ଏହାର ମାନ୍ଦାବସ୍ଥା ସ୍ଥିତିକୁ ମୁହାଁଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

ଆମେରିକା ଭଳି କେତେକ ଦେଶ ଋଷ ଉପରେ ଆର୍ଥିକ ପ୍ରତିବନ୍ଧକ ଲାଗୁ କରିଛନ୍ତି। ଋଷର ବ୍ୟାଙ୍କଗୁଡିକୁ ଟାର୍ଗେଟ୍ କରାଯାଇଥିବା ବେଳେ ରପ୍ତାନୀ ଉପରେ ବି ଅଙ୍କୁଶ ଲାଗିଛି। ୟୁରୋପରେ ଥିବା ତୈଳ ଚାହିଦାର ଏକ ବୃହତ ଅଂଶ ଋଷିଆ ଉପରେ ନିର୍ଭରଶୀଳ ଥିବାରୁ ଏ ନେଇ ୟୁରୋପୀୟ ଦେଶଗୁଡିକ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସ୍ଥିତିରେ ସାଉଦି ଆରବ ଓ ଗଲ୍ଫ ଦେଶଗୁଡିକ ଲାଭବାନ ହେବେ ବୋଲି ଅନୁମାନ କରାଯାଉଛି। ଯଦି ଋଷ ଠାରୁ ୟୁରୋପୀୟ ରାଷ୍ଟ୍ରଗୁଡିକ ତେଲ ବା ଗ୍ୟାସ ନ ନିଅନ୍ତି ତେବେ ଏହାର ଫାଇଦା ତୈଳସମୃଦ୍ଧ ଏସୀୟ ରାଷ୍ଟ୍ରଗୁଡିକ ନେବେ। ତେବେ ଆନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଭାରତ ଉପରେ ବହୁଳ ମାତ୍ରାରେ ପଡିବା ନିଶ୍ଚିତ ହୋଇଯାଇଛି। କୋଭିଡ୍ ପରବର୍ତ୍ତୀ ଅର୍ଥନୀତିକୁ ସଜାଡିବା ପାଇଁ ପୁଣି ଅନେକ ଦେଶ ଭାର ମୁଣ୍ଡାଇବାକୁ ପଡିବ ବୋଲି ଆମେରିକୀୟ ଅର୍ଥନୀତିଜ୍ଞମାନେ ମତପୋଷଣ କରିଛନ୍ତି।

ଋଷ ଓ ୟୁକ୍ରେନ୍ ଯୁଦ୍ଧ ଉପରେ ଏବେ ସାରା ବିଶ୍ୱର ନଜର ରହିଛି। ଯୁଦ୍ଧକୁ ରୋକିବା ପାଇଁ ୟୁକ୍ରେନ୍ ବହୁ ରାଷ୍ଟ୍ରକୁ ନିବେଦନ କରିଆସୁଛନ୍ତି। ଅନେକ ରାଷ୍ଟ୍ର ଋଷକୁ ଯୁଦ୍ଧ ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ଯୁଦ୍ଧ ଜାରିରହିଛି। ଯୁଦ୍ଧ ବନ୍ଦ ନେଇ ବିଶ୍ୱର ମହାଶକ୍ତିମାନେ ସେଭଳି ଠୋସ୍ ପଦକ୍ଷେପ ଗ୍ରହଣ କରିନଥିବା ଦେଖିବାକୁ ମିଳୁଛି। ଜାତିସଂଘ ସୁରକ୍ଷା ପରିଷଦରେ ଏ ନେଇ ନିନ୍ଦା ପ୍ରସ୍ତାବ ଆଣିବାକୁ ଉଦ୍ୟମ କରାଯାଇଥିଲେ ବି ଋଷ ଭିଟୋ ପାୱାର ପ୍ରୟୋଗ କରି ତାହାକୁ ବନ୍ଦ କରିଦେଇଛି। ଯେତେଶୀଘ୍ର ସମ୍ଭବ ସେତେଶୀଘ୍ର ଯୁଦ୍ଧରେ ବିରାମ ଲାଗିବା ନିହାତି ଅପରିହାର୍ଯ୍ୟ। ନଚେତ୍ ଖାଲି ଋଷ କି ୟୁକ୍ରେନ୍ ନୁହେଁ, ଏହାର ପ୍ରଭାବରେ ବହୁ ଅର୍ଥନୀତି ପ୍ରଭାବିତ ହେବା ନିଶ୍ଚିତ ହୋଇଯାଇଛି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଓଡ଼ିଆ ଜାତୀୟ ଜାଗରଣରେ ନାରୀମାନଙ୍କ ଭୂମିକା



ଡ଼ଃ. ଅରୁନ୍ଧତୀ ଦେବୀ
ସମ୍ପାଦିକା ଓ ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ଏହାକୁ ପୂର୍ବେ ଆନ୍ତର୍ଜାତିକ ଶ୍ରମଜୀବୀ ମହିଳା ଦିବସ କୁହାଯାଉଥିଲା। ସାରା ବିଶ୍ୱର ମହିଳାଙ୍କୁ ସମ୍ମାନ ଓ ଶ୍ରଦ୍ଧା ଦେବା ସହ ସେମାନଙ୍କର ରାଜନୀତିକ, ସାମାଜିକ ଏବଂ ଆର୍ଥିକ ବିକାଶ ପ୍ରତି ସତନ୍ତ୍ର ଧ୍ୟାନ ଦେବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବାଇଗଣୀ ରିବନ୍ ଏହି ଦିନର ପ୍ରତୀକ। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ। ଇଉରୋପରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣାଯାଉଥିଲେ। ସ୍ୱାଧୀନ ମତ ପୋଷଣ ବା ଭୋଟ ଦେବାର ଅଧିକାର ନଥିଲା। ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା। ୧୭୯୨ରେ ମେରି ଉଲ୍‌ଷ୍ଟୋନକ୍ରାଫ୍ଟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ଲେଖିଥିଲେ 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟ୍‌ସ ଅଫ୍ ୱିମେନ୍'। ବହିଟି ସମଗ୍ର ଇଉରୋପରେ ଚହଳ ପକାଇଥିଲା ଏବଂ ସମସ୍ତଙ୍କୁ ଏହି ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲା। ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ଇଉରୋପ୍‌ର ବିଭିନ୍ନ ଅଞ୍ଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ଜାତିସଂଘର ଅନୁମୋଦନ କ୍ରମେ ୧୯୯୬ରୁ ଏହା ବିଷୟ ଭିତ୍ତିକ ଭାବେ ପାଳିତ ହେଉଛି।

"ଜଗତରେ କିଛି ବଡ଼ କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ଛାଡ଼ିବାକୁ ହେବ। ପୁରୁଷ କେବେହେଲେ ନାରୀକୁ ନିଜର ଖେଳକଣ୍ଢେଇ କରି ରଖିପାରିବ ନାହିଁ । ମୁଁ ଯଦି ଜଣେ ସ୍ତ୍ରୀ ହୋଇଥାନ୍ତି, ନିଶ୍ଚୟ ଏହା ବିରୁଦ୍ଧରେ ବିଦ୍ରୋହ କରନ୍ତି । ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ । ଏ ସବୁ ଗହଣାଗାଣ୍ଠି ଆଦର ଛାଡ଼ି ଦିଅନ୍ତୁ । ଅନ୍ତରର ସୁଗନ୍ଧି ସବୁଠାରୁ ବେଶୀ ବାସ ଚହଟାଇ ପାରିବ ଏବଂ ତାହାରି ଦ୍ୱାରା ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବଜାତିକୁ ବଶ କରିପାରିବେ ।" କେବଳ ମହିଳାମାନଙ୍କୁ ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ଲାଗି ତଥା ସାମାଜିକ ଜନଆନ୍ଦୋଳରେ ନାରୀ ଜାଗରଣର ଭୂମିକାକୁ ନିଶ୍ଚିତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀ ୧୯୨୧ ମସିହାରେ କଟକ ବିନୋଦବିହାରୀ ମନ୍ଦିର ହତାରେ ଯେଉଁ ମହିଳା ସଭାରେ ଏହି ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ, ତାହା ୧୯୨୧ ମାର୍ଚ୍ଚ ୨୮ ତାରିଖ ସମାଜରେ ପ୍ରକାଶ ପାଇଥିଲା । ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମଠାରୁ ସାମ୍ପ୍ରତିକ ସମାଜର ମାନବୀୟ ମୂଲ୍ୟବୋଧ ଗଠନରେ ନାରୀ ଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । କେବଳ ସଂସାର ଗଠନରେ ନୁହେଁ, ବା ତେଲଲୁଣର ସଂସାରଭିତରେ ନିଜ ଭୂମିକାର ଚୌହଦୀଠାରୁ ଯଥେଷ୍ଟ ଦୂରରେ ସମଗ୍ର ନାରୀଜାତିର ଭୂମିକା ଯେ କେହି ସ୍ୱୀକାର କରିବ ।

ସମାଜକୁ ଭ୍ରାନ୍ତି, ଲୋଭ, ଦୁର୍ନୀତି, ସୁବିଧାବାଦିତା, ଈର୍ଷା, ହିଂସାର ଦାବାନଳରୁ ଉଦ୍ଧାର କରି ବାସ୍ତବ ଶାନ୍ତି, ସ୍ନେହ, ଆନନ୍ଦ, ମଙ୍ଗଳ ଓ ଭଲପାଇବାର ସନ୍ଧାନ ଦେବା ପାଇଁ ପୂଜ୍ୟ ଶ୍ରୀ କୁମାର ଭାଇ ୧୯୬୨ ମସିହାରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଗଠନ କରିଥିଲେ । ପରବର୍ତ୍ତୀ ସମୟରେ ୧୯୮୫ ମସିହାରେ ନାରୀଶକ୍ତି ଓ ନାରୀ ପ୍ରତିଭାର ଶ୍ରେଷ୍ଠ ମଙ୍ଗଳମୟ ବିକାଶ ତଥା ବିନିଯୋଗ କରାଇ ସମଗ୍ର ସମାଜକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ବାର୍ତ୍ତା ଦେଇ ଏକ ମଙ୍ଗଳମୟ ସମାଜ ଗଢ଼ି ତୋଳିବା ଲକ୍ଷ୍ୟରେ ୧୯୮୫ ମସିହାରେ ମଙ୍ଗଳମୟୀ ପତ୍ରିକା ପ୍ରକାଶନ ସହ ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ କରାଇଥିଲେ । କେବଳ ଶସ୍ତା ସ୍ଲୋଗାନ୍ ଓ ସୁକର୍ମବିହୀନ ଆନ୍ଦୋଳନରେ ଅଯଥା ନିଜକୁ ନିୟୋଜିତ ନ କରି ସମାଜର ସର୍ବୋଦୌ ସେବାଭିମୁଖୀ ଯୋଜନା ହାତକୁ ନେଇ ଏକ ମଙ୍ଗଳମୟ ପ୍ରେମପୂର୍ଣ୍ଣ ସମାଜ ଗଠନ ପାଇଁ ସେ ଆତ୍ମୋତ୍ସର୍ଗ କରିଥିଲେ । ତାଙ୍କ ମତରେ ସୁଶିକ୍ଷା ଲାଭ ଦ୍ୱାରା ଆତ୍ମସମୀକ୍ଷା ଓ ଆତ୍ମଶୁଦ୍ଧି ସମ୍ଭବ ହୋଇଥାଏ । ସମାଜରେ ନାରୀ ଜାଗରଣର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ଲେଖିକା, ସଂଗଠିକା, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ସୁସଂସ୍କୃତ, ଶୃଙ୍ଖଳିତ, ସଂଯତ, ସତ୍, ସ୍ନେହ-ଶାନ୍ତିଭରା ସମାଜ ଗଢ଼ି ତୋଳିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ତାଙ୍କର ଅନୁଚିନ୍ତନ ଥିଲା ମାତୃଜାତି ତଥା ନାରୀ ସମାଜ ଭ୍ରାନ୍ତି, ଦୁର୍ନୀତି, ହିଂସା ଓ ଧ୍ୱଂସର ନିଆଁରୁ ମାନବ ସମାଜକୁ ରକ୍ଷା କରିବାର ମହାଶକ୍ତି ହୁଅନ୍ତୁ ।

ଆଜି ସୁନିତା ୱିଲିଅମ୍‌ସ୍‌ଙ୍କଠାରୁ କଳ୍ପନା ଦାସ, ଚିରବନ୍ଦନୀୟା ଇନ୍ଦିରା ଗାନ୍ଧୀଙ୍କ ଠାରୁ ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ସମସ୍ତଙ୍କ ତ୍ୟାଗପୂତ ଓ ସମର୍ପିତ ଜୀବନ ଏ ସମାଜ ପାଇଁ ଯେଉଁ ଭୂମିକା ରଖିଛି, ତାହାରି ଆହ୍ୱାନ ନାରୀ ଜାଗରଣର ମୁଖ୍ୟ ଆଦର୍ଶ ହେଉ। ସାମାଜିକ ପ୍ରଗତିରେ ନାରୀମାନଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ପଞ୍ଚମାନବୀୟ ମୂଲ୍ୟବୋଧସମ୍ପନ୍ନ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମହନୀୟ ବାର୍ତ୍ତାର ଅନୁଶୀଳନ କରୁ । ଯଥାର୍ଥରେ ପୂଜ୍ୟ ଶ୍ରୀ କୁମାର ଭାଇ ବି କହିଥିଲେ ଏ ଦୁନିଆରେ ଗୋଟିଏ ହିଁ ଜାତି ଅଛି, ତାହା ମଣିଷ ଜାତି । ଗୋଟିଏ ହିଁ ଧର୍ମ ଅଛି, ତାହା ମାନବ ଧର୍ମ ଏବଂ ଜଣେ ହିଁ ଈଶ୍ୱର ଅଛନ୍ତି, ଯିଏ ସର୍ବବିଦ୍ୟମାନ । ସବୁ ଧର୍ମରେ ପ୍ରେମର ବାର୍ତ୍ତାକୁ ଅନୁଶୀଳନ କରୁଥିବା ଏହି ମଣିଷ ଜାତି ଆତଙ୍କବାଦ ହେଉ ବା ଜାତୀୟ ବିରୋଧୀ ନୀତି ହେଉ, ଏହି କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଥିବା ବେଳେ ନିଜ ହୃଦୟକନ୍ଦରର ବିବେକର ଆହ୍ୱାନକୁ ଟିକିଏ ଶୁଣୁ । କାରଣ ସିଏ ବି ଜଣେ ଈଶ୍ୱରଙ୍କ ସନ୍ତାନ ଆଉ ଯାହାର କ୍ଷତି କରୁଛି ବା ଯାହା ରକ୍ତରେ ହୋଲି ଖେଳୁଛି, ସିଏ ବି ଜଣେ ତାହାରି ଭାଇ । ଧର୍ମ ନାମରେ ଆଉ କେତେ ଦିନ ଏହି ହିଂସାର ରକ୍ତପାତ ଚାଲିଥିବ ? କ'ଣ ଜଣେ ଭାଇ ତା ଭାଇର ରକ୍ତ ଚାହୁଁଛି ? ଦେବୀ ଦୁର୍ଗା ଯେଉଁପରି ଦୁଷ୍ଟ ଶକ୍ତିର ନିଧନ କରିଥିଲେ ସେହିପରି ଏ ସମାଜର ମାତୃଜାତି ନାରୀଜାତି, ଷଡ଼ରିପୁସମ୍ପନ୍ନ ଦୁଷ୍ଟ ବୁଦ୍ଧି ଓ ଦୁଷ୍ଟ ଚିନ୍ତାର ନିଧନ କରି ନାରୀ ଜାଗରଣର ମହନୀୟ ଭୂମିକା ନିର୍ବାହ କଲେ ଏ ଜଗତର ମଙ୍ଗଳ ହେବ, ନାରୀ ଜାତି ବି ଧନ୍ୟ ହେବ ।

# ନାରୀ ଓ ପୁରୁଷ - ଏକ ମୁଦ୍ରାର ଦୁଇପାର୍ଶ୍ୱ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୃଷ୍ଟି କରିବା ହିଁ ନାରୀର ନାରୀତ୍ୱ। ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ। ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା। ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି। ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପୁରୁଷର ଅର୍ଥ ହେଉଛି ପୂରଣ ସ୍ୱଭାବ ସମ୍ପନ୍ନ, ପୁରୁଷ ଅନ୍ୟର ଅଭାବ ପୂରଣ କରେ, ସାର୍ଥକ କରେ, କୃତକାର୍ଯ୍ୟ କରି ଉଠାଏ, ପାରଗତାରେ ଉଦ୍‌ବୁଦ୍ଧ, ଉନ୍ନତ ଓ କୃତାର୍ଥ କରି ତୋଳିବା ହିଁ ପୁରୁଷର ପୁରୁଷତ୍ୱ। ପୁରୁଷ ଚାହେଁ ନାରୀ ଠାରେ ବିଶ୍ରାମ ନେବାକୁ, ନାରୀ ଚାହେଁ ପୁରୁଷକୁ ସୁସ୍ଥ, ସ୍ୱସ୍ଥ ଓ ବୃଦ୍ଧି କରିଉଠାଇବାରେ। ଯେଉଁଠାରେ ନାରୀ ତା'ର ଏହି ଆଦିମ ସ୍ୱଭାବକୁ ବ୍ୟାହତ କରିଛି ସେହିଠାରେ ହିଁ ସେ ବ୍ୟର୍ଥତାର ଆଲିଙ୍ଗନରେ ବିଧ୍ୱସ୍ତ, ବିବ୍ରତ ଓ ବିକୃତ ହୋଇଉଠିଛି। ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତିଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଚ୍ଛ୍ୱସିତ ଭଙ୍ଗୀରେ କହିଲେ - ଗୋଟିଏ ଢ଼େଉର ଉଦ୍‌ବେଳାୟିତ ଅବସ୍ଥା ହେଉଛି ପୁରୁଷ ଓ ଅବବେଳାୟିତ ଅବସ୍ଥାଟି ନାରୀ। ଅବବେଳାୟିତ ଉପରେ ଭାର ଦେଇ ଉଦ୍‌ବେଳାୟିତରେ ଦଣ୍ଡାୟମାନ ହୁଏ ପୁରୁଷ। ପ୍ରକୃତି ହେଉଛି ପୁରୁଷର ବିଶ୍ରାମ କ୍ଷେତ୍ର। ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷେତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

# ରାଜ୍ୟରେ ସଡ଼କ ସୁରକ୍ଷା ପାଇଁ ସୂଚନା ଓ ସଙ୍କେତ

ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭




ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ୍ୟ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ରାଜ୍ୟ ରାଜପଥ୧୦ (ବିଜୁ ଏକ୍ସପ୍ରେସ ହାଇୱେ)ର ଦେଓକର୍ଣ୍ଣପୁର ଠାରୁ କେସଇବାହାଲ ପର୍ଯ୍ୟନ୍ତ ୫୦ କିମି ଦୂରତା ଏହାର ପରୀକ୍ଷାମୂଳକ ବ୍ୟବହାର କରାଯାଇଥିଲା। ଏହାର ଫଳାଫଳ ଉତ୍ସାହଜନକ ରହିବାରୁ ୩ ହଜାର କିମି ରାସ୍ତାରେ କାର୍ଯ୍ୟକାରୀ କରିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଛି। ଗାଡ଼ି ଚାଳକଙ୍କୁ ଉପଯୁକ୍ତ ଚେତାବନୀ ଦେବା, ସୂଚନା ଦେବା, ଗାଇଡ଼ କରିବା, ନିୟନ୍ତ୍ରଣ କରିବା କିମ୍ବା ବିସ୍ତାର କରିବା ପାଇଁ ଉପଯୁକ୍ତ ଚିହ୍ନ ଓ ସଙ୍କେତ ବ୍ୟବସ୍ଥା କରାଯିବ। ଭାରତୀୟ ସଡ଼କ କଂଗ୍ରେସର ସୁପାରିସ ଅନୁସାରେ ନିୟାମକ, ଚେତାବନୀ ଏବଂ ସୂଚନାପୂର୍ଣ୍ଣ ବ୍ୟବସ୍ଥା ରହିବା ଆବଶ୍ୟକ। ରାସ୍ତା କଡ଼ରେ ଲାଗିଥିବା ସୂଚନା ଫଳକ ଓ ସଙ୍କେତ ଯେପରି ସ୍ପଷ୍ଟ ଭାବେ ଦେଖାଯିବ ତାହା ଉପରେ ବିଭାଗ ଗୁରୁତ୍ୱ ଦେଇଛି। ରାଜ୍ୟର ଅନେକ ସ୍ଥାନରେ ରାସ୍ତା ସମ୍ପ୍ରସାରଣ ଏବଂ ମରାମତି ତଥା ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଏହି ରାସ୍ତାରେ ଅଗ୍ରାଧିକାର ଭିତ୍ତିରେ ସୁରକ୍ଷା ସୂଚନା ଦିଆଯିବ। ପୂର୍ବରୁ ଲାଗିଥିବା ସୂଚନା ଫଳକ ଗୁଡ଼ିକୁ ମରାମତି କରାଯିବ। ଆବଶ୍ୟକ ସ୍ଥଳେ ନୂତନ ସୂଚନା ଫଳକ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି।

ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୦ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୯ରେ ସେହି ସଂଖ୍ୟା ୫୩,୮୭୨ ଥଲା। ୨୦୨୦ରେ ମୃତ୍ୟୁ ସଂଖ୍ୟା କମିବାର କାରଣ ହେଲା କରୋନା ଜନିତ ଲକଡାଉନ ଓ ଅନ୍ୟାନ୍ୟ କଟକଣା। ଯେଉଁଥି ପାଇଁ ଯାନବାହନ ଚଳାଚଳ ଯଥେଷ୍ଟ ହ୍ରାସ ପାଇଥିଲା। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୦ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୩୩ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୨୧ରେ ସର୍ବଭାରତୀୟ ତଥ୍ୟ ସଂଗ୍ରହ କରାଯାଉଛି। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଙ୍ଗ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୦ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ୍ୟ ସୃଷ୍ଟି କରିବ।

# ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଜାତୀୟ ରାଜପଥ ଜମି ଅଧିଗ୍ରହଣ ସମୀକ୍ଷା ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ରାଜ୍ୟ ମଧ୍ୟରେ ବିଭିନ୍ନ ଜାତୀୟ ରାଜପଥର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଅଧିକାରୀଗଣ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିଥିଲେ।

ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀଗଣ ଗତ ଏକ ମାସ ଭିତରେ ବିଭିନ୍ନ ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ। ଗତ ଏକ ମାସ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟରେ ବିଭିନ୍ନ ହିତାଧିକାରୀମାନଙ୍କୁ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ୧୦୧ କୋଟି ପ୍ରାପ୍ୟ ବଣ୍ଟନ କରାଯାଇଛି। ଜାତୀୟ ରାଜପଥ ୫୫ର କଟକ ଅନୁଗୁଳ ଭାଗ ମଧ୍ୟରେ ୨୧ ଗ୍ରାମ ମଧ୍ୟରୁ ୧୭ ଗ୍ରାମରେ ଦାଖଲ ଖାରଜ ମାମଲା ସଂପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି। ସେହିପରି ଅନୁଗୁଳ ସମ୍ବଲପୁର ଭାଗ ମଧ୍ୟରେ ସମୁଦାୟ ୭୦ ଗ୍ରାମ ମଧ୍ୟରୁ ୬୧ ଗ୍ରାମର ଦାଖଲ ଖାରଜ ମାମଲା ସଂପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି। ଏହା ବ୍ୟତୀତ ଗତ ଏକ ମାସ ମଧ୍ୟରେ ବହୁ ଦାଖଲ ଖାରଜ ମାମଲା ହୋଇ ରେକର୍ଡ କରେକ୍ସନ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଛି।

# କନିଷ୍ଠ ଯନ୍ତ୍ରୀ ଧ୍ରୁବାନନ୍ଦ ରାଉତ ଗିରଫ

**କଟକ ଏସ୍‌ସିବି ଆର୍‌ଆଣ୍ଡବିରେ ବ୍ୟାପକ ଦୁର୍ନୀତି**

**କଟକ(ସଂପର୍କବାର୍ତ୍ତା):-** ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆର ଆଣ୍ଡବି ବିଭାଗରେ କନିଷ୍ଠ ଯନ୍ତ୍ରୀ ଧ୍ରୁବାନନ୍ଦ ରାଉତ। ଆରଆଣ୍ଡବି ଏସ୍‌ସିବି ମେଡ଼ିକାଲ କଲେଜ ଓ ହସପିଟାଲ ଶାଖାର ଯନ୍ତ୍ରୀ ଶ୍ରୀ ରାଉତ ଜଣେ ଠିକାଦାରଙ୍କଠାରୁ ତାଙ୍କ ବିଲ୍ ପାସ୍ କରାଇଦେବା ଓ ଅନ୍ୟ ଏକ କାମର ଏଷ୍ଟିମେଟ ପ୍ରସ୍ତୁତପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସର ଏକ ଟିମ ହାବୁଡ଼ରେ ପଡ଼ିଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏସସିବି ମେଡ଼ିକାଲ କଲେଜ କ୍ୟାମ୍ପସରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସେ ଏହି ଲାଞ୍ଚ ଟଙ୍କାକୁ ଜବତ କରିବା ସହ ଅଧିକ ଅନୁସନ୍ଧାନ ଜାରି ରଖିଛି। ସେହିପରି ବାଦାମବାଡ଼ି ନୂଆ ଏଇଆଇସି କଲୋନୀସ୍ଥିତ ସରକାରୀ କ୍ୱାର୍ଟର କଟକ ଜିଲ୍ଲା ମାହାଙ୍ଗାର ଚମ୍ପତିପୁରସ୍ଥିତ ତାଙ୍କ ପୈତୃକ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରିଛି।

# ଗନାଇଲୋ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡା ପଂଚାୟତର ଥିବା ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରଘୁନାଥପୁର ମଣ୍ଡଳ ଅଧିକାରୀ ବିଜୟ କୁମାର ସାଇଁ ଯୋଗଦେଇ ଶିକ୍ଷକମାନେ ସମାଜର ସବୁଠାରୁ ଅଧିକ ସମ୍ମାନର ଅଧିକାରୀ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ପରିଚାଳନା କମିଟି ସଭାପତି ବିଜୟ କୁମାର ତ୍ରିପାଠୀ, ବିରୁପାକ୍ଷ ସେଠୀ ଯୋଗଦେଇ ବିଦାୟ ଶିକ୍ଷକ କର୍ତ୍ତବ୍ୟ ପରାୟଣ ଓ ଛାତ୍ରବତ୍ସଳ ଥିଲେ ବୋଲି କହିଥିଲେ। ବିଦାୟ ଶିକ୍ଷକ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସ୍ୱାଇଁ, ଅନଙ୍ଗ ମଞ୍ଜରୀ ଲେଙ୍କା, ଗଣେଶ୍ୱର ନାୟକଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଚିତ୍ରାରାଣୀ ହୋତା ପରିଚୟ ପ୍ରଦାନ କରିଥିଲେ ଓ ସୁଶ୍ରୀ ସତରୂପା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ବନଲକ୍ଷ୍ମୀ ପାତ୍ର, ସତ୍ୟବାନ ନାୟକ, ସ୍ମିତାଞ୍ଜଳି ବେହେରା, ଆରତି ନାୟକ, ନିରୋଧ ଦାସ, ଅନ୍ନଦା ପ୍ରସନ୍ନ ଆଚାର୍ଯ୍ୟ, ହେଲେନ୍ ମହାନ୍ତି, ସାଗରିକା ଦାସ, ରଞ୍ଜନ କୁମାର ଦାସ, ରଜନୀ କାନ୍ତ ମଲ୍ଲ, ବୈରାଗୀ ଚରଣ ସାହୁ, ପୂର୍ଣ୍ଣିମା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ମଇଁନ୍ଦିପୁର ବିଦ୍ୟାଳୟରେ ବନ୍ୟଜନ୍ତୁ ସଂରକ୍ଷଣ ଦିବସ ପାଳିତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ୨୨ମୌଜା ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଇଁନ୍ଦିପୁର ଠାରେ ବିଶ୍ୱ ବନ୍ୟଜନ୍ତୁ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରଞ୍ଜନ କୁମାର ରାୟ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ବନ୍ୟଜନ୍ତୁ ମାନେ ପରିବେଶର ସୁରକ୍ଷାରେ ସହାୟକ ହେବା ସହ ସେମାନଙ୍କର ନଖ ,ଦାନ୍ତ,ଚମଡା ଇତ୍ୟାଦିରୁ ବିଦେଶକୁ ରପ୍ତାନି କରି ପ୍ରଚୁର ବୈଦେଶିକ ମୁଦ୍ରା ମିଳିଥାଏ ବୋଲ କହିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଦାଶ ଆଦିମ କାଳରୁ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଅନେକ ଗଳ୍ପ,କବିତା,ପୌରାଣିକ କିମ୍ବଦନ୍ତି ମାନର ଉଦାହରଣ ଦେଇ ଆଲୋଚନା କରିଥିଲେ। ହିନ୍ଦୁ ଦେବାଦେବୀ ମାନଙ୍କ ବାହନ ଭାବରେ ବନ୍ୟଜନ୍ତୁ ମାନଙ୍କୁ ରଖାଯାଇଥିବାରୁ ସେମାନଙ୍କର ସଂରକ୍ଷଣ ପାଇଁ ପଥ ସୁଗମ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସତ୍ୟବ୍ରତ ରଥ , ଶିକ୍ଷୟତ୍ରୀ କବିତାବାଳା ସେଠୀ,ସ୍ୱାତିକା ମଲ୍ଲିକ ଯୋଗ ଦେଇ ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ପ୍ରମାଣ ପତ୍ର ଓ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ଶିକ୍ଷୟତ୍ରୀ ସ୍ୱାତିକା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ବନ୍ୟଜନ୍ତୁ ଦିବସ ପାଳିତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଏ ଧରିତ୍ରୀ ସମସ୍ତଙ୍କର ,ଏଠାରେ ମନୁଷ୍ୟ,ପଶୁପକ୍ଷି,କୀଟ ସମସ୍ତେ ବାସକରିବେ। ଏ ସବୁର ଉତ୍ତମ ରୂପେ ସନ୍ତୁଳନ ରକ୍ଷାକରିବା ପାଇଁ ମନୁଷ୍ୟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦରକାର । ବିଶ୍ୱ ବନ୍ୟଜନ୍ତୁ ଦିବସ ଉପଲକ୍ଷେ ସ୍ଥାନୀୟ କଳିଓଦା ଉପ୍ରା ବିଦ୍ୟାଳୟର ପ୍ରାଣକୃଷ୍ଣ ପରିଜା ଇକୋକ୍ଲବ ପକ୍ଷରୁ ବିଶ୍ୱ ବନ୍ୟଜନ୍ତୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ,ପ୍ରତିଯୋଗିତା ହୋଇଥିଲା।ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଉତ୍କଳରଂଜନ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ମଧ ଛାତ୍ରଛାତ୍ରୀ ମାନଙ୍କୁ ବନ୍ୟଜନ୍ତୁ ସୁରକ୍ଷା ସଂପର୍କରେ ଆଲୋକପାତ କରିଥିଲେ। ପରେ ପରିବେଶବିତ୍ ଶ୍ରୀ ମହାନ୍ତି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅନିରୁଦ୍ଧ ଦାସ,ଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡାଉ,ସ୍ମୃତିରେଖା ମହାପାତ୍ର,ଆଦ୍ୟାରଶ୍ମୀ ପଣ୍ଡା,ପ୍ରଣିତା ମହାପାତ୍ର ପରିଚ୍ଚଳନା କରିଥିଲେ।

# "ଧ୍ୱନୀ"ରେ ବିଶ୍ୱ ଶ୍ରବଣ ଦିବସ




**କଟକ(ବାଦାମବାଡ଼ି):-** ବର୍ତ୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି। ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି। ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ। ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ଚଳିତ ବର୍ଷର ବାର୍ତ୍ତା ରହିଛି 'ଯାବତ ଜୀବନ ଶୁଣିବା ପାଇଁ କାନର ଯତ୍ନ'। ବିଶ୍ୱ ଶ୍ରବଣ ଦିବସ ଅବସରରେ ମଙ୍ଗଳାବାଗର କାଠଗୋଲାସ୍ଥିତ 'ଧ୍ୱନୀ' ବାକ୍ ଶ୍ରବଣ ସଂସ୍ଥା ତରଫରୁ ବିଶ୍ୱ ଶ୍ରବଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠାନ ତରଫରୁ ଦିବସବ୍ୟାପୀ ନିଃଶୁଳ୍କ ଶ୍ରବଣ ଓ ଆନୁସଙ୍ଗିକ ପରୀକ୍ଷା କରାଯାଇଥିଲା। ଆବଶ୍ୟକସ୍ଥଳରେ ଶ୍ରବଣ ଯନ୍ତ୍ର ପରୀକ୍ଷା ମଧ୍ୟ କରାଯାଇଥିଲା। ବାକ୍ ଶ୍ରବଣ ବିଶେଷଜ୍ଞ ଶୁଭଶ୍ରୀ ବିଶ୍ୱାଳ, ସଞ୍ଜୀବ ମହାନ୍ତି, ଅମିତା ମହାନ୍ତି, ବିଜୟଲକ୍ଷ୍ମୀ ବେହେରା, ଇଭାନଳିନୀ ବିହାରୀ, ଅହଲ୍ୟା ସାହୁ, ମମତା ସାହୁ, ସୁଜାତା ଖୁଣ୍ଟିଆ, ଅହଲ୍ୟା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଭାଷୀ ବ୍ୟବସ୍ଥା ମାଧ୍ୟମରେ ଧ୍ୱନୀର ସମ୍ବଲପୁର ଓ ରାଉରକେଲା ଅନୁଷ୍ଠାନରେ ଶୁଭ୍ରଜିତ ବିଶ୍ୱାଳ, ପ୍ରିୟଦର୍ଶିନୀ ମହାନ୍ତି କାର୍ଯ୍ୟକ୍ରମ ସମ୍ପାଦନା କରିଥିବାବେଳେ ଭୁବନେଶ୍ୱରର ଗଙ୍ଗନଗରସ୍ଥିତ କିଓରୱେଲ ଲାବ୍ରୋଟୋରୀରେ ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀପକ କୁମାର ଜେନା ଆନୁସଙ୍ଗିକ ପରୀକ୍ଷା ଓ ସହାୟତା ପ୍ରଦାନ କରିଥିଲେ।

# ଅମୃତା ଫାଉଣ୍ଡେସନ ସହଯୋଗର ହାତ ବଢାଇଲା/ ଜାଗରରେ ଜୀବନରେଖା ପ୍ରଜ୍ୱଳିତ କଲା ଅମୃତା ଫାଉଣ୍ଡେସନ




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ମହାଶିବରାତ୍ରୀରେ ଜାଗର ଜାଳି ସମସ୍ତେ "ଅସତୋ ମାଂ ଜ୍ୟୋତିର୍ଗମୟ" କରୁଥିଲା ବେଳେ ଭୁବନେଶ୍ୱରର ପ୍ରମୁଖ ସମାଜସେବୀ ସଂଗଠନ ଅମୃତା ଫାଉଣ୍ଡେସନ ଜୀବନଦୀପକୁ ପ୍ରଜ୍ୱଳିତ କରିବାକୁ ଆଗେଇ ଆସିଛି। ଚାଟରା ଗାଁର ଲୋକନାଥ ଦାସ ଦୀର୍ଘ ଦୁଇବର୍ଷ ଧରି ପକ୍ଷଘାତ ରୋଗ ଯୋଗୁ ଶଯ୍ୟାଶାୟୀ ଥିଲାବେଳେ, ସହଧର୍ମିଣୀ ଚୁନିଦାସ ମୂଲଲାଗି ସ୍ୱାମୀଙ୍କର ଔଷଧ ସହ ତିନିପ୍ରାଣୀଙ୍କ ଅନ୍ନ ସଂସ୍ଥାନ କରି ଆସୁଥିଲେ। ଅତି ଦୁଃଖରେ ତଥା ନଡା ଛପର ଏବଂ ପାଲଟଣା ଘରେ ରହୁଥିବା ଏହି ପରିବାରର ଦୁଃଖ ଲାଘବ କରିବାପାଇଁ ଅମୃତା ଫାଉଣ୍ଡେସନର ଅଧକ୍ଷ ଡ. ଅଭୟ କୁମାର ନାୟକ ତଥା ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ସ୍ୱାଇଁ ଧାଇଁ ଆସିଛନ୍ତି ରାଜଧାନୀରୁ ଏହି ପଲ୍ଲୀ ଗାଁ ଚାଟରାକୁ।

ସାମୟିକ ଆର୍ଥିକ ସହାୟତାକୁ ଦୃଷ୍ଟିରେ ରଖି ଅମୃତା ଫାଉଣ୍ଡେସନ ଶ୍ରୀ ଲୋକନାଥ ଦାସଙ୍କ କନ୍ୟା ସ୍ୱର୍ଣ୍ଣଲିପି ଦାସ ତଥା ସହଧର୍ମିଣୀ ଚୁନି ଦାସଙ୍କୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିବା ସଂଗେ ସଂଗେ ଲୋକନାଥଙ୍କ ଆରୋଗ୍ୟ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ତାଛଡା କନ୍ୟା ସ୍ୱର୍ଣ୍ଣଲିପିଙ୍କୁ ସ୍ଥାନୀୟ ବେସରକାରୀ ସଂସ୍ଥାରେ ଗୋଟିଏ ଚାକିରି ବ୍ୟବସ୍ଥା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଆର୍ଥିକ ସହାୟତା ପ୍ରଦାନ ବେଳେ ଅମୃତା ଫାଉଣ୍ଡେସନର ସକ୍ରିୟ ସଭ୍ୟ ତଥା କଟକ ରୋଟାରି କ୍ଲବର ସଭାପତି ଶ୍ରୀଯୁକ୍ତ ଅମିତାଭ ଦାସ ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ଟିନି ଦାସ ଫାଉଣ୍ଡେସନର ଜଗତସିଂହପୁର ପ୍ରତିନିଧି ଶ୍ରୀଯୁକ୍ତ ସଂଜମ ମହାନ୍ତି ଏବଂ ଶ୍ରୀଯୁକ୍ତ ସ୍ମୃତିରଞ୍ଜନ ବରାଳ ଉପସ୍ଥିତ ଥିଲେ।

# ହାରିବା ପରେ ରାସ୍ତା ଖୋଳିଲେ, ଷ୍ଟ୍ରିଟ୍ ଲାଇଟ୍ ନେଇଗଲେ ସରପଞ୍ଚ ପ୍ରାର୍ଥୀ



**ପାରଳାଖେମୁଣ୍ଡି(ସଂପର୍କବାର୍ତ୍ତା):-** ଭୋକ ବିକଳରେ ଡାଟିଆ କାମୁଡିଲେ ପରାଜିତ ସରପଂଚ ପ୍ରାର୍ଥୀ ନିର୍ବାଚନ ହାରିବା ନିଜର କାରନାମା ଦେଖାଇଲେ। ୫ଟି ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଗାତ ଖୋଳି, ବଡ ବଡ ପଥର ରଖି ରାସ୍ତା ବନ୍ଦ କରିଦେଲେ। ଏପରି ଦୃଶ୍ୟ ଦେଖିବାକୁ ଗଜପତି ରାୟଗଡା ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ ପଂଚାୟତରେ।

ପରାଜିତ ସରପଂଚ ପ୍ରାର୍ଥୀ ଜଣଙ୍କ ହେଲେ ବାରିକ ଶବର। ସେ ବିଜେଡି ସମର୍ଥନରେ ପ୍ରତିଦ୍ୱନ୍ଦିତା କରୁଥିଲେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ,ଗଙ୍ଗାବାଡ ପଂଚାୟତରେ ସରପଂଚ ହରିବନ୍ଧୁ ଦୀର୍ଘ ୧୫ବର୍ଷରୁ ଅଧିକ ସମୟ ହେବ ସେ କିମ୍ବା ତାଙ୍କ ପରିବାର ଲୋକେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ସରପଂଚ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ଚଳିତ ଥର ମଧ୍ୟ ହରିବନ୍ଧୁ ସରପଂଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ଓ ଏଥିରେ ବିଜୟ ଲାଭ କରିଥିଲେ। କିନ୍ତୁ ସରପଂଚ ପ୍ରାର୍ଥୀ ଭାବେ ଛିଡା ହୋଇଥିବା ବାରିକ ଶବର ନିର୍ବାଚନରେ ହାରି ଯାଇଥିଲେ। ନିର୍ବାଚନରେ ହାରିବା ପରେ ସେ ୫ଟି ସଂଯୋଗ କରୁଥିବା ରାସ୍ତାକୁ ଖୋଳି ପକାଇଥିଲେ। ଏହାସହ ରାସ୍ତାରେ ବଡ ବଡ ପଥର ରଖି ରାସ୍ତା ବନ୍ଦ କରି ଦେଇଥିଲେ। ଯାହାଫଳରେ ଲୋକମାନେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଆଜି ସରପଂଚ ହରିବନ୍ଧୁ କାର୍ଜୀ ଥାନାରେ ଗଙ୍ଗାବାଡ ପଂଚାୟତର ସରପଂଚ ହରିବନ୍ଧୁ କାର୍ଜୀ କହିଛନ୍ତି, ବାରିକ ଶବର ନିର୍ବାଚନ ହାରିବାପରେ ଲୋକଙ୍କୁ ଧମକଚମକ ଦେଉଛି। ୫ଟି ଗାଁ କୁ ସଂଯୋଗ କରୁଥିବା ରାସ୍ତାରେ ଗତ ଖୋଳି ବଡ ବଡ ପଥର ରଖି ରାସ୍ତା ବନ୍ଦ କରିଦେଇଛି । ସରକାରଙ୍କ ପକ୍ଷରୁ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍‌କୁ ନିର୍ବାଚନ ପରେ ଶବରଙ୍କର ସମର୍ଥକମାନେ ତାଙ୍କୁ କାଢି ନେଇଯାଇଛନ୍ତି।

# ଜିଲ୍ଲା ପରିଷଦ ରିନାରାଣୀଙ୍କ ବିଜୁ ଜୟନ୍ତୀ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିଜୁ ଜନତା ଦଳ ପକ୍ଷରୁ ଜଗନ୍ନାଥପୁର ଠାରେ ବିଜୁ ବାବୁଙ୍କର ୧୦୬ତମ ଜୟନ୍ତି ଆଜି ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡିର ନବନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟା ରିନାରାଣୀ ମଲ୍ଲିକ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁବାବୁ ଥିଲେ ଭାରତର ଗର୍ବ ଓ ଗୌରବ ବୋଲି କହିଥିଲେ। ଏଥିରେ ସାଂସଦ ପ୍ରତିନିଧି ବିଜେଡି ନେତା ଗୌତମ ପାଳିତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନବନିର୍ବାଚିତ ଧରାଧରପୁର ସରପଂଚ ନଳିନୀପ୍ରଭା ମୁଦୁଲି ଯୋଗଦେଇ ବିଜୁବାବୁଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେଲେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇପାରିବ ବୋଲି କହିଥିଲେ। ଏଥିରେ ବିଜେଡି ଯୁବନେତା ପ୍ରକାଶ ଚନ୍ଦ୍ର ମଲ୍ଲିକ, ସରପଂଚ ଯୁବନେତା ସଂଜୟ ମଲ୍ଲିକ, ଯୁବନେତା ପରମାନନ୍ଦ ସ୍ୱାଇଁ, ଯୁବନେତା ବାବୁଲି ଷଡଙ୍ଗୀ, ସରପଂଚ ଶିବରାମ ସାହୁ, ଛବିରାଣି ମହାପାତ୍ର, ଯୁବ ଆଇନଜୀବି ଅନିଲ ଖଟୁଆ, ଯୁବନେତା ଅଶୋକ ବେହେରା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଦୁଃସାହସିକ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଓଡିଶା ଡିଜିଟାଲ ମିଡିଆର ନିନ୍ଦା



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କେନ୍ଦୁଝର ଜିଲ୍ଲା ଯୋଡ଼ାରେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ । ଫଳରେ ତାଙ୍କ ଡାହାଣ ଗୋଡରେ ଆଘାତ ଲାଗି ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଆକ୍ରମଣକାରୀ ଫେରାର ରହିଥିବାବେଳେ ସତ୍ୟଜିତ ଦାସଙ୍କୁ ଆକ୍ରମଣ କରାଯାଇଥିବା ନେଇ ଯୋଡ଼ା ଥାନାରେ ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ, ଯୋଡ଼ା ସିନେମାହଲ୍ ନିକଟରେ ଏହି ଆକ୍ରମଣ ହୋଇଥିଲା । ଆକ୍ରମଣରେ ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଛି । ଏନେଇ ଯୋଡ଼ା ପୋଲିସ୍ ଖବର ପାଇବା ପରେ ତୁରନ୍ତ ଘଟଣା ସ୍ଥଳରେ ପହଁଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତି କରିଥିଲେ । କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ତେବେ ଆଜି ଓଡ଼ିଶା ଡିଜିଟାଲ ମିଡ଼ିଆ ଆସୋସିଏସନ ଭୁବନେଶ୍ୱର ତରଫରୁ ଏହି ଘଟଣାର ନିନ୍ଦା କରାଯିବା ସହ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବାକୁ ଓଡିଶା ଡିଜିଟାଲ ମିଡିଆ ରାଜ୍ୟ ସଭାପତି ତୁଷାର ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର, ରାଜ୍ୟ ଉପସଭାପତି ଦୁର୍ଯ୍ୟୋଧନ ମହାରଣା, ସୁନିଲ ଦେ ପ୍ରମୁଖ ଦାବି କରିଛନ୍ତି ।

# କଟକ:୫୧ ନଂ ୱାର୍ଡରେ କଂଗ୍ରେସ କମିଟି ଗଠନ

**କଟକ(ସଂପର୍କବାର୍ତ୍ତା):-** କଟକ ନଗର ଜିଲ୍ଲା ୫୧ ନମ୍ବର ୱାର୍ଡ଼ କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ୱାର୍ଡ଼ କଂଗ୍ରେସ ସଭାପତି ମନୋଜ ବସ୍ତିଆଙ୍କ ସୁପାରିଶକ୍ରମେ କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଭାପତି ଗିରିବାକା ବେହେରା ୫୧ ନମ୍ବର ୱାର୍ଡ଼ କଂଗ୍ରେସ କମିଟି ଘୋଷଣା କରିଛନ୍ତି । କାର୍ଯ୍ୟକାରୀ ସଭାପତିଭାବେ କ୍ଷୀତିଶ ପଶାୟତ, କୋଷାଧକ୍ଷ ଆଇନଜୀବୀ ମାନସ ରଞ୍ଜନ ଖଟୁଆ, ଉପ-ସଭାପତି ଭାବେ ସୁବ୍ରତ ସାଇଁ, ମୀନକେତନ ମହାରଣା, ଜିତେନ୍ଦ୍ର ଜେନା, ବିଜୟ ବେହେରା, ସାଧାରଣ ସଂପାଦକ ଭାବେ ପ୍ରକାଶ ପଶାୟତ, ରୌପ୍ୟ ରଞ୍ଜନ ମହାପାତ୍ର, ଧରିତ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଛାଟୋଇ, କବିତା ଦାସ, ସମ୍ପାଦକଭାବେ ଗଣେଶ ସେଠୀ, ଜିତେନ୍ଦ୍ର ଆଚାର୍ଯ୍ୟ, ବାପିନା ଦାସ, ଆରତୀ ମହାରଣା, ସସ୍ମିତା ସାହୁ, ଶିଶିର ଜେନା, ଅକ୍ଷୟ ରାଉଳ, ମନୋଜ ଜେନା, କାଳନ୍ଦୀ ମାଲିକ ଏବଂ ଉପଦେଷ୍ଟା ମଣ୍ଡଳୀ ଅମୀର କୁମାର ମହାନ୍ତି, ଜିତେନ୍ଦ୍ର କର, ବିପନ ପଶାୟତ, ନିମାଇଁ ବେହେରା, ହେମନ୍ତ ସାହୁ, ଅମର ବେହେରା, ଆଇନଜୀବୀ ମୁକ୍ତିକାନ୍ତ ଦାସଙ୍କୁ ମନୋନୀତ କରାଯାଇ ଥିବା ୱାର୍ଡ଼ କଂଗ୍ରେସ ସଭାପତି ଶ୍ରୀ ବସ୍ତିଆ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ବିଧାୟକ ପ୍ରଶାନ୍ତଙ୍କ ସେନାର ବିଜୁ ଜୟନ୍ତୀରେ ସ୍ୱେଚ୍ଛାକୃତ ରକ୍ତଦାନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ୧୦୬ତମ ବିଜୁ ଜୟନ୍ତୀ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ କରି ଜଗତସିଂହପୁର ଜିଲ୍ଲାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିବା ଯୁବ ସମାଜସେବୀ, ଜଗତସିଂହପୁର ପୌରାଞ୍ଚଳ ବିଜୁ ଜନତା ଦଳ ଡିଜିଟାଲ ମିଡ଼ିଆର ସମ୍ପାଦକ ତଥା ସର୍ବୋପରି ପ୍ରଶାନ୍ତ ମୁଦୁଲି ସେନାର ବରିଷ୍ଠ କର୍ମକର୍ତ୍ତା ରାଜେଶ କୁମାର ଦାସଙ୍କ ଏଭଳି ମହତ କାର୍ଯ୍ୟକୁ ପ୍ରେରଣା ପ୍ରଦାନ କରିଥିବା ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ଯୁବ ବିଜେଡ଼ି ସମ୍ପାଦକ ତଥା ଯୁବ ଆଇନଜୀବୀ ସରୋଜ ବିଶ୍ୱାଳ ଏବଂ ଜିଲ୍ଲା ବିଜେଡି ଆଇଟି ସଂଯୋଜକ ତଥା ନବ ନିର୍ବାଚିତ ପଞ୍ଚାୟତ ସମିତି ସଭ୍ୟ ରତି ରଞ୍ଜନ ବେହେରାଙ୍କୁ ପୌରାଞ୍ଚଳ ବାସୀଙ୍କ ପକ୍ଷରୁ ଯଥେଷ୍ଟ ଶୁଭେଚ୍ଛା ଓ ଶୁଭକାମନା ।



# ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଥିଲେ ସମ୍ବଲପୁର ଭୂଖଣ୍ଡର ସ୍ୱର୍ଦ୍ଧିତ ସ୍ୱାଭିମାନର ସବୁଠାରୁ ସ୍ପଷ୍ଟ ସ୍ୱର । ଇଂରେଜ ବିରୋଧୀ ମହାସଂଗ୍ରାମର ମହାନାୟକ । ୨୩ ଜାନୁଆରୀ ୧୮୦୯ ମସିହାରେ ଜନ୍ମିତ ଏହି ମହାନ୍ ସଂଗ୍ରାମୀ ୨୮ ଫେବୃୟାରୀ ୧୮୮୪ ମସିହାରେ ବନ୍ଦୀ ଥିବା ଅବସ୍ଥାରେ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥିତ ଅସୁରଗଡ ଦୁର୍ଗରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଜୀବନର ଅର୍ଦ୍ଧାଧିକ ସମୟ କାରାଗାରରେ କଟିଥିଲା । ଏହି ମହାନ ସଂଗ୍ରାମୀଙ୍କର ୧୩୮ତମ ପୁଣ୍ୟତିଥି ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ବୀର ସୁରେନ୍ଦ୍ର ସାଏଙ୍କ ଅସୀମ ତ୍ୟାଗ, ବୀରତ୍ୱ ଓ ଦେଶପ୍ରେମକୁ ସ୍ମରଣ କରି ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ଓଏସ୍‌ଡି ତଥା ସଚିବ ଦାଶରଥୀ ଶତପଥୀ ଓ ଓଏସ୍‌ଡି ତଥା ନିର୍ଦ୍ଦେଶକ(ଗବେଷଣା) କୃପାସିନ୍ଧୁ ମିଶ୍ର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।




# ‘ବନ୍ଧୁ ୱେଲ୍‌ଫେୟାର ଟ୍ରଷ୍ଟ’ର ବାର୍ଷିକ ସାଧାରଣ ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ବନ୍ଧୁ ୱେଲ୍‌ଫେୟାର ଟ୍ରଷ୍ଟର’ ବାର୍ଷିକ ସାଧାରଣ ବୈଠକ ଗତକାଲି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଶ୍ରୀକାନ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବନ୍ଧୁ ଅନୁଷ୍ଠାନର ଉପଦେଷ୍ଟା ତଥା ପ୍ରାକ୍ତନ ଶିକ୍ଷକ ବିରଞ୍ଚି ନାରାୟଣ ମଣ୍ଡଳ ଯୋଗଦେଇ ଅନୁଷ୍ଠାନର ସହଯୋଗରେ ଅଞ୍ଚଳରେ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ କରାଯିବା ପାଇଁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଏହି ଅନୁଷ୍ଠାନ ତରଫରୁ ସ୍ଥାନୀୟ ସତ୍ୟଭାମାପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ସେଗୁଡିକର ଯତ୍ନ ନିଆଯିବା, ବୃଦ୍ଧାଶ୍ରମରେ ଅନ୍ତେବାସୀମାନଙ୍କୁ ଖାଦ୍ୟଯୋଗାଣ, ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ, ଜାତୀୟ ଦିବସ ପାଳନ ଓ ପୂଜ୍ୟପୂଜା ଆଦି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଗାମୀ ଦିନରେ ରକ୍ତଦାନ ଶିବିର ଆୟୋଜନ ସହିତ ଅସହାୟ ପିଲାଙ୍କ ସାହାଯ୍ୟ ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରାଯିବ ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଉପ ସଭାପତି ସୁଚିସ୍ମିତା ମହାନ୍ତି, ସଂପାଦକ ଫଗୁ ସାମଲ, ସହ ସମ୍ପାଦକ ସନାତନ ଦାସ, କୋଷାଧକ୍ଷ ସରୋଜ କୁମାର ସାହୁଙ୍କ ସମେତ ସଂଘର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ଟ୍ରଷ୍ଟ ଜରିଆରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବା ନିମନ୍ତେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଥାଉକି ନିକଟରେ ଏହି ଟ୍ରଷ୍ଟର ଏବେ ସରକାରୀ ନିୟମାନୁସାରେ ରେଜିଷ୍ଟ୍ରୀଭୁକ୍ତ ହୋଇଛି ।




## ଧର୍ମପ୍ରାଣ ବ୍ୟକ୍ତିଙ୍କର ପରଲୋକରେ ଶୋକ



**ଜଗତସିଂହପୁର(ସଂପର୍କବାର୍ତ୍ତା):-**ଜଗତସିଂହପୁର ବାଗସାହି ମାରୁତି ବିହାରର ବୈଷ୍ଣବ ଚରଣ ମହାପାତ୍ରଙ୍କର ୮୮ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ମର ଶରୀର କୁ ତାଙ୍କ ପୈତୃକ ଗ୍ରାମ ତିର୍ତୋଲ ର ଶଙ୍ଖେଶ୍ୱର ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ତାଙ୍କର ଜ୍ୟେଷ୍ଠ ପୁତ୍ର ବିଜୟ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ ।ତାଙ୍କର ଅନ୍ୟ ପୁତ୍ର ଅଜୟ, ସଞ୍ଜୟ କନ୍ୟା ସଂଘମିତ୍ରା ଜ୍ୱାଇଁ ସତ୍ୟବ୍ରତ ନାତି ନାତୁଣୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।ସେ କଲିକତା ରେ ଦୀର୍ଘ ୩୦ ବର୍ଷ କେନ୍ଦ୍ରସରକାରଙ୍କ ବ୍ରେଥ ୱାଇଟ କମ୍ପାନୀ, ଖିଦିରପୁର ରେ କାର୍ଯ୍ୟ କରି ୧୯୯୭ ରେ ଅବସର ନେଇଥିଲେ । ସେ ଅତ୍ୟନ୍ତ ଧର୍ମପରାୟଣ ଓ ଅମାୟିକ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ରେ ଜଗତସିଂହପୁର ସାରସ୍ୱତ ପରିଷଦ ର ସଭାପତି ହିମାଂଶୁ ଆଚାର୍ଯ୍ୟ, ଅଭୟ କୁମାର ଦାସ, ରମେଶ ଚନ୍ଦ୍ର ସାଇଁ, ବିଶ୍ୱଜିତ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ଅମରେନ୍ଦ୍ର ଦାସ, ବିଜୟ ଜେନା, ଫନିନ୍ଦ୍ର ସେଠି, ବିପ୍ରବର ସେଠି, ବାନାମ୍ବର ଦାସ ରଞ୍ଜନ ମହାନ୍ତି ରାଜେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି ।

# ସାଂସଦ ଅଚ୍ୟୁତଙ୍କୁ ଜିଲ୍ଲା ପରିଷଦ ସୁଭଦ୍ରା ସମ୍ବର୍ଦ୍ଧିତ କଲେ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** କନ୍ଧମାଳ ସାଂସଦ ତଥା କିଟ୍ କିସ୍ ଓ ସ୍ମାର୍ଟଗ୍ରାମ କଲରାବାଙ୍କର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ନବନିର୍ବାଚିତ ୭ନଂ ଜିଲ୍ଲା ପରିଷଦ ସଦସ୍ୟା ଶୁଭଦ୍ରା ଦାସ ଆଜି ତାଙ୍କୁ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ଭେଟି ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଆଶୀର୍ବାଦ କାମନା କରିଥିଲେ । ପ୍ରଫେସର ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମମତା ଠାରୁ ହରିଶଚନ୍ଦ୍ର ପର୍ଯ୍ୟନ୍ତ ଏବଂ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ମୋ ସ୍କୁଲ ମୋ କଲେଜ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଂଚାଇ ଜଣେ ଆଦର୍ଶ ନାରୀନେତ୍ରୀ ହୋଇ ଉଠିବାକୁ ନବନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟା ଶୁଭଦ୍ରା ଦାସଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ନିଳିମାରାଣୀ ମେମୋରିଆଲ ଚାରି ଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅର୍ନ୍ତଯାମୀ ସାମନ୍ତ, ସମାଜସେବୀ ନିରୂପମା ସାମନ୍ତ, ବରିଷ୍ଠ ଆଇନଜୀବି ମନୋରଂଜନ ପ୍ରଧାନ, ଗ୍ରାମକମିଟି ସଭାପତି ଅଞ୍ଜନ ସାମନ୍ତ, ସମ୍ପାଦକ ଅଭିନ ଚନ୍ଦ୍ର କେସ, ଦୁର୍ଗାଚରଣ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।




## ନେଉଟିଆକଣ ପୋଲ ଉପରେ ଚାଲିଛି ବେପାର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଅଯୋଦ୍ଧାପୁରରୁ କିଶୋରନଗର ରାସ୍ତାର ନେଉଟିଆକଣ ଠାରେ ଥିବା ପାଇକା ଉପରେ ଜନୈକ ବ୍ୟକ୍ତି ଗୋଡି ଓ ବାଲି ଗଦା କରି ବ୍ୟବସାୟ କରୁଛନ୍ତି । ଫଳରେ ଏହି ପୋଲ ଉପରେ ଯାତାୟତ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି । ଗ୍ରାମ୍ୟ ଉନ୍ନୟନ ବିଭାଗ କଟକ ବିଭାଜନ ଅଧୀନରେ କୋଟି କୋଟି ଟଙ୍କା ବ୍ୟୟରେ ପାଇକା ନଦୀ ଉପରେ ନେଉଟିଆକଣ ଠାରେ ଏହି ପୋଲ ନିର୍ମାଣ ହୋଇଛି । ଏହି ପୋଲ ଉପରେ ରଘୁନାଥପୁର, କିଶୋରନଗର, ପ୍ରହରାଜପୁର, ଇଶାଣିବ୍ରହ୍ମପୁର, ନେଉଟିଆକଣ, କଲରାବାଙ୍କ, ମାଣପୁର, ଖେଣ୍ଟାଲୋ, ମଙ୍ଗଦେଇପୁର, ସାଧୁସାହି, ବ୍ରାହ୍ମଣଭୂଇଁ, ବୋଦର, ଅଇନପୁର ଆଦି ଗ୍ରାମର ହଜାର ହଜାର ଲୋକ ଓ ଶହଶହ ଯାନବାହାନ ଯାତାୟତ ନିମନ୍ତେ ନିର୍ଭର କରନ୍ତି । ମାତ୍ର ଏହି ପୋଲ ଉପରେ ଜନୈକ ବ୍ୟକ୍ତି ଗୋଡି, ବାଲି ଜମାକରି ବେପାର କରୁଥିବାରୁ ଲୋକମାନେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ପାରାଦ୍ୱୀପ ଖବର

ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ)

## ଇଫକୋର ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଇଫକୋର କର୍ମଚାରୀ, ଅଧିକାରୀ, ଠିକାଦାର ଓ ସେମାନଙ୍କ ଅଧିନରେ କାମ କରୁଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ କାର୍ଯ୍ୟ କରିବାକୁ ଇଫକୋ ପକ୍ଷରୁ ସଚେତନ କରାଯାଇଛି । ଇଫକୋ କେନ୍ଦ୍ର ସରକାରଙ୍କ ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଆଦର୍ଶ କୋଭିଡ୍ ମାର୍ଗ ଦର୍ଶିକା ପାଳନ କରାଯାଇଛି । ମହାମାରୀ କରୋନା ସମୟରେ ଇଫକୋର ସମସ୍ତ କର୍ମଚାରୀ, ଅଧିକାରୀ, ଠିକାଦାର ଓ ସେମାନଙ୍କ ଅଧିନରେ କାମ କରୁଥିବା ଶ୍ରମିକମାନେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ସୁରକ୍ଷିତ ରହିଛନ୍ତି । ଶୁକ୍ରବାର ଦିନ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସମାରୋହ ଇଫକୋ ପରିସରରେ ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲର ବିଭାଗର ନିର୍ଦ୍ଦେଶକ ଡ.ଏନ.ତିରୁମାଲା ନାୟକ ମୁଖ୍ୟ ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ପାରୁଲ ପଟଓାରୀ,ନିମନ୍ତ୍ରିତ ଅତିଥି ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲର ବିଭାଗର ଉପ-ନିର୍ଦ୍ଦେଶକ ଏମ୍.କେ. ପଣ୍ଡା, କଟକ ଡିଭିଜନର ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲର ବିଭାଗର ଉପ-ନିର୍ଦ୍ଦେଶକ ଏ.କେ.ନାୟକ, ପାରାଦୀପ ଡିଭିଜନର ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲର ବିଭାଗର ସହକାରୀ ନିର୍ଦ୍ଦେଶକ ସି.କେ.ଦଳାଇଙ୍କ ସମେତ ଇଫକୋର କର୍ମଚାରୀ, ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଇଫକୋର ଉତ୍ପାଦନ,ପରିବେଶ ଓ ସୁରକ୍ଷା ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ.ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇଫକୋର ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ସମସ୍ତଙ୍କୁ କାର୍ଯ୍ୟ ସମୟରେ ସୁରକ୍ଷା ଉପକରଣ ପରିଧାନ ବାଧତାମୂଳକ ଭାବେ କରିବାକୁ ଉପଦେଶ ଦେଇଥିଲେ । ଅଗ୍ନି ନିର୍ବାପନ ଓ ସୁରକ୍ଷା ଉପରେ ଏକ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ଇଫକୋର ଯୁଗ୍ମ ସାଧାରଣ ପ୍ରବନ୍ଧକ ଆର୍.କେ.ସାଇଁ ଆଗାମୀ ବର୍ଷ ଦୁର୍ଘଟଣା ମୁକ୍ତ ବର୍ଷ ହେବା ନିମନ୍ତେ କାମନା କରିଥିବା ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧମରେ ସୂଚନା ଦେଇଛନ୍ତି ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ।



## ପାରାଦୀପରେ ବାପିଙ୍କ ଶକ୍ତି ପ୍ରଦର୍ଶନ

ପାରାଦୀପସ୍ଥିତ ବାଲିଝରା ବସ୍ତିରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ(ପିଇଆଇଡିସି)ପକ୍ଷରୁ ଏକ ବିରାଟ ସାଧାରଣ ସଭା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ‘ଆମ ପାରାଦୀପ ଆମ ପ୍ରଗତି’ ବିଚାରଧାରାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସ୍ତି ମାନଙ୍କରେ ଜଳ, ଶିକ୍ଷା, ପରିମଳ, ନିଯୁକ୍ତି, ରାସ୍ତାଘାଟ, ଶବଦାହ ପାଇଁ ମସାଣି ଇତ୍ୟାଦି ସମସ୍ୟା ରହିଛି । ସୂଚନା ଥାଉକି ଏହି ସଂଗଠନ ପାରାଦୀପ ତଥା ଏହାର ଆଖପାଖ ଅଂଚଳରେ ବିଭିନ୍ନ ସମସ୍ୟାକୁ ନେଇ ତାର ସଂଗ୍ରାମ ଜାରୀ କରୁଛି । କରୋନା ମହାମାରୀ ସମୟରେ ସଂଗଠନର ସଭାପତି ଅରିନ୍ଦମ ସର୍ଖେଲ(ବାପି)ଙ୍କ ନେତୃତ୍ୱରେ ସହର ଓ ବସ୍ତିରେ ସଂକ୍ରମିତଙ୍କ ପାଇଁ ମାଗଣା ଅମ୍ବୁଲାନ୍ସ ସେବା, ଡାକ୍ତରି ସୁବିଧା, ମଶାଧୂଆଁ ପ୍ରୟୋଗ ଇତ୍ୟାଦି ଅନେକ ଗୁଡିଏ ଲୋକହିତକର କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି । ତେବେ ଦୀର୍ଘଦିନର ମୁଖ୍ୟ ସମସ୍ୟା ଗୁଡିକର ନିବାରଣ ନିମନ୍ତେ ଆଗାମୀ ଦିନରେ ସେ ଏବଂ ତାଙ୍କ ସଂଗଠନ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବେ ବୋଲି ସମବେତ ଜନତାଙ୍କୁ ଏହି ସଭାରେ ନିଜ ବକ୍ତବ୍ୟରେ ପ୍ରତିଶୃତି ଦେଇଥିଲେ । ସଭା ପୂର୍ବରୁ ସର୍ଖେଲଙ୍କୁ ତାରିଣୀଗଡାର ତାରିଣୀ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଇଆଇଡିସି ସଂଗଠନର ସମୀର ବିଶ୍ୱାଳ, ଅନୁପ ସାହାଣୀ, ମନୋରମା ଖଟୁଆ, ଲପନ ପରିଡା, ଦେବବ୍ରତ ସାହୁ, କେଦାର ଦାସ, ଅଶୋକ ସାହୁ, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




## ଜାତୀୟ ସୁରକ୍ଷା ସପ୍ତାହ ପାଳିତ





ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ପାରାଦୀପ ଜୟଦେବ ସଦନ ଠାରୁ ବାହାରି ଗେଟ୍ ନମ୍ବର-୪ ନିକଟରେ ପହଂଚି ଥିଲା । ଏହି ଶୋଭାଯାତ୍ରାକୁ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଉପଲକ୍ଷେ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ସି.ଇ.ଏମ୍.ଇ. ଏସ୍.କେ.ଦାସ, ଡେପୁଟି ସି.ଇ.ଏମ୍.ଇ. ପ୍ରମୁଖ ଉପସ୍ଥିତ ଥିଲେ ।

## ‘ପୋର୍ଟ ଅଫ ଦି ଇୟର’ ସମ୍ମାନ

ପାରାଦୀପ ବନ୍ଦରକୁ ଅଣ-କଣ୍ଟେନର୍ ପଣ୍ୟ କାରବାର ବର୍ଗରେ ‘ପୋର୍ଟ ଅଫ ଦି ଇୟର’ ସମ୍ମାନରେ ପୁରସ୍କୃତ କରାଯାଇଛି । ଫେବୃଆରୀ ୨୪ ତାରିଖରେ କଲିକତାରେ ଇଷ୍ଟର୍ଣ୍ଣ ଷ୍ଟାର ଆୱାର୍ଡ ୨୦୨୨ ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଡିଟିଏମ୍ ଶ୍ରୀମନ ନାରାୟଣ ମିଶ୍ର ସିପିଙ୍ଗ୍ କର୍ପୋରେସନ ଅଫ ଇଣ୍ଡିଆର ସିଏମ୍‌ଡି ଶ୍ରୀମତୀ ଏଚ୍.କେ. ଯୋଶୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରନାଦ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଏହି ସମ୍ମାନ ବନ୍ଦର ଶିଳ୍ପରେ କାର୍ଯ୍ୟକ୍ଷମତା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିବା ଦିଗରେ ବନ୍ଦରର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିବା ସହିତ ଆଗାମୀ ଦିନରେ ପାରାଦୀପ ବନ୍ଦର ଉଚ୍ଚ ସଫଳତା ପାଇଁ ସମସ୍ତ କର୍ମଚାରୀ ଓ ହିତାଧିକାରୀଙ୍କୁ ସର୍ବୋତ୍ତମ ପ୍ରୟାସ ଜାରି ରଖିବାକୁ ଅନୁରୋଧ କରିଛନ୍ତି ।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




## ପୌର କର୍ତ୍ତୃପକ୍ଷ ନୁହଁନ୍ତି ଭଲ ପ୍ରଶାସକ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ବନ୍ଦର ସହର ପାରାଦୀପରେ ପୌରପାଳିକା ପ୍ରଶାସନର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି । ଦୀର୍ଘ ଦିନ ହେବ ପୌର ପରିଷଦ ଭଙ୍ଗ ପରେ ଏବେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଛନ୍ତି । ତେବେ ସଂପ୍ରତି ସହରରେ ସଫେଇ, ବ୍ଲିଚିଙ୍ଗ ସିଂଚନ, ମଶାଧୁଆଁ ଇତ୍ୟାଦି ନିୟମିତ ବ୍ୟବଧାନରେ ହେଉନଥିବାରୁ କଲୋନୀ ଓ ବସ୍ତି ଅଞ୍ଚଳରେ ରାସ୍ତାଘାଟ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ସହର ସାରା ମଶା ବୃଦ୍ଧି ଯୋଗୁଁ ସହର ଓ ବସ୍ତିବାସିନ୍ଦା ଅତିଷ୍ଠ ହୋି ପଡିଲେଣି । ଏପରିକି ଦିନରେ ମଧ୍ୟ ମଶା କାମୁଡାରୁ ତ୍ରାହି ପାଉ ନାହାଁନ୍ତି ପାରାଦୀପ ବାସିନ୍ଦା । ଯେଉଁ ଭଳି ଭାବେ ସଫେଇ ହେବା କଥା ସେହିଭଳି ଭାବେ ସଫେଇ ହେଉନାହିଁ । ଯାହାର ଫଳ ଭୋଗୁଛନ୍ତି ପାରାଦୀପ ପୌରପାଳିକାର ଅଧିବାସୀ । ନିୟମିତ ଭାବେ ପୌରପାଳିକାକୁ ସଫେଇ ବାବଦକୁ ଟିକସ ଦେଉଥିଲେ ବି ପାରାଦୀପ ପୌରପାଳିକା ତାର ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛି । ନାଁକୁ ମାତ୍ର ସଫେଇ କରି




ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହେଉଛି । ପୌର ସଫେଇ ଠିକାଦାରମାନେ ଅଳିଆ ନେଉଥିବା ଟ୍ରାକ୍ଟରରେ ପାଲ ବାନ୍ଧୁ ନଥିବାରୁ

### ପାରାଦ୍ୱୀପରେ ମଶାଙ୍କ ଉତ୍ପାତ

ଅଳିଆ ଗୁଡିକ ରାସ୍ତାରେ ପବନରେ ଉଡି ଲୋକମାନଙ୍କ ଉପରେ ପଡୁଛି । ପାରାଦୀପ ବନ୍ଦର ସହର ଦେଶ ତଥା ବିଦେଶରେ ପଣ୍ୟକାରବାର ରେ ସୁଖ୍ୟାତି ଅର୍ଜନ କରିଥିବା ବେଳେ ଏଠାରେ ଥିବା ପୌରପାଳିକା ପ୍ରଶାସନ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରଦାନ କରୁ ନାହାନ୍ତି । ପୌରପାଳିକାର ଠିକାଦାରମାନଙ୍କ ମନମାନି ଯୋଗୁଁ ଏଭଳି ହେଉଥିବା ଚର୍ଚ୍ଚା ହେଉଛି । ମଶା ଧୂଆଁ ଦେବା ପାଇଁ ପୌର କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କାର ସରଂଜାମ ଥିବା ବେଳେ ଏହା କାହା ସ୍ୱାର୍ଥରେ କିଣାଯାଇଥିବା ଲୋକମାନେ ପ୍ରଶ୍ନ କଲେଣି । ରାଜ୍ୟର ଅନ୍ୟତମ ଧନୀକ ପୌରପାଳିକା ପାରାଦୀପ ପୌରପାଳିକାର ଏପରି ଚରମ ଅବହେଳାକୁ ଲୋକମାନେ ନାପସନ୍ଦ କରିଛନ୍ତି । ପୌରପାଳିକାକୁ ଆମେ ମାନେ ନିୟମିତ ଭାବେ ସଫେଇ ବାବଦକୁ ଟିକସ ଦେଉଛୁ ହେଲେ ପୌର କର୍ତ୍ତୃପକ୍ଷ କାହିଁକି ଏପରି ଉଦାସୀନ ହେଉଛନ୍ତି ଏହା କୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆଗାମୀ ମାର୍ଚ୍ଚ ୨୪ ତାରିଖରେ ପୌର ନିର୍ବାଚନ ହେବାକୁ ଯାଉଛି ଏହି ପ୍ରସଙ୍ଗ ଅନ୍ୟତମ ନିର୍ବାଚନୀ ପ୍ରସଙ୍ଗ ହୋଇପାରେ । ବୋଧେ ପୌର ନିର୍ବାଚନ ପରେ ନୂତନ ପାରିଷଦ ଓ ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ପାରାଦୀପବାସୀ ମଶା ଦାଉରୁ ରକ୍ଷା ପାଇବେ ।

## ୧୨ଟି ଜିଲ୍ଲାରେ ମିଶନ ଇନ୍ଦ୍ରଧନୁଷ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଆଦୌ କିମ୍ବା ଅଧାରୁ ଟିକା ନେଇନଥିବା ପ୍ରତ୍ୟେକ ୦ ରୁ ୨ ବର୍ଷ ମଧ୍ୟରେ ପିଲା ଓ ଗର୍ଭବତୀ ମହିଳାମାନଙ୍କର ତାଲିକା ପ୍ରସ୍ତୁତ କରିବା ଏବଂ ସେମାନଙ୍କ ଟିକାକରଣ କରିବା, ଯାହା ଦ୍ୱାରା ନିୟମିତ ଟିକାକରଣ କାର୍ଯ୍ୟକ୍ରମ ସଶକ୍ତ ହୋଇପାରିବ ।




ଏନ୍‌ଏଫ୍‌ଏଚ୍‌ଏସ୍ ୫ (୨୦୨୦-୨୦୨୧ ମସିହା) ଅନୁଯାୟୀ ଓଡ଼ିଶା ରାଜ୍ୟର ସଂପୂର୍ଣ୍ଣ ଟିକାକରଣ ଆକଳନ ହେଉଛି ୯୦.୫ ପ୍ରତିଶତ ଯାହାକି ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ । ସମିଶ୍ରିତ ସୂଚନା ଅନୁଯାୟୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସରକାର ଓଡ଼ିଶାର ୧୨ଟି ଜିଲ୍ଲାକୁ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନ ୨୦୨୨ ପାଇଁ ଚିହ୍ନଟ କରିଛନ୍ତି । ସେହି ଜିଲ୍ଲାଗୁଡିକ ହେଉଛି କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ ଏବଂ ୫ଟି ମହାନଗର ନିଗମ ।

ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରଶିକ୍ଷଣ, ଆଶା ଓ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ମୁଣ୍ଡଗଣତି, ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅନୁଯୋଜନ, ଟିକା ଓ ଅନ୍ୟାନ୍ୟ ଜିନିଷପତ୍ରର ସଠିକ୍ ଯୋଗାଣ, ନିରୀକ୍ଷଣ ଓ ରିପୋର୍ଟ ପ୍ରଦାନ । ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ସଭା ଜରିଆରେ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ପ୍ରତିଟି କାର୍ଯ୍ୟର ତଦାରଖ କରାଯାଉଛି । ଯେଉଁଥିରେ କି ଅନ୍ୟାନ୍ୟ ସରକାରୀ ବିଭାଗଗୁଡିକୁ ମଧ୍ୟ ସାମିଲ କରାଯାଇଛି ।

ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନର ମାର୍ଚ୍ଚ ମାସଠାରୁ ମଇ ମାସ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଏବଂ ପ୍ରତ୍ୟେକ ପର୍ଯ୍ୟାୟ ୭ ଦିନ ପର୍ଯ୍ୟନ୍ତ ଟିକାକରଣ କରାଯିବ । ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ମାସ ୭ ତାରିଖ, ଦ୍ୱିତୀୟ ପର୍ଯ୍ୟାୟ ଅପ୍ରେଲ ୪ ତାରିଖ ଓ ତୃତୀୟ ପର୍ଯ୍ୟାୟ ମଇ ମାସ ୨ ତାରିଖଠାରୁ ଆରମ୍ଭ ହେବ । କାର୍ଯ୍ୟକଳାପର ସମୟସୀମା, ଆର୍ଥିକ ଆଇସିବିସିସି ତଥା ବିସ୍ତୃତ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ଗାଇଡ୍‌ଲାଇନ୍ ୧୨ଟି ଜିଲ୍ଲାକୁ ପ୍ରଦାନ କରାଯାଇଛି । ଅଭିଯାନର ସଫଳତା ପାଇଁ ରାଜ୍ୟସ୍ତରୀୟ ନୋଡାଲ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି, ଯେଉଁମାନେ ଜିଲ୍ଲାକୁ ଯାଇ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନକୁ ଅନୁଧ୍ୟାନ କରିବେ ।

## ଆଧ୍ୟାତ୍ମିକ ଉନ୍ନତିରେ ମନୁଷ୍ୟ ପ୍ରକୃତ ସୁଖ ଶାନ୍ତି ଆନନ୍ଦର ଅଧିକାରୀ ହୋଇପାରିବ-ଡ.ଅଚ୍ୟୁତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଆଧ୍ୟାତ୍ମିକ ଉନ୍ନତିରେ ହିଁ ମନୁଷ୍ୟ ପ୍ରକୃତ ସୁଖ, ଶାନ୍ତି, ଆନନ୍ଦର ଅଧିକାରୀ ହୋଇପାରିବ ବୋଲି ଆଜି ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କ ବଟମହାପୁରୁଷ ପୀଠରେ କଲାରାବାଙ୍କ ମହିଳା ସମିତି ଦ୍ୱାରା ଆୟୋଜିତ ନାମଯଜ୍ଞରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ତଥା କିଟ୍, କିସ୍ ଓ ସ୍ମାର୍ଟ ଗ୍ରାମ କଲରାବାଙ୍କର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଯୋଗଦେଇ ଏହା କହିଥିଲେ । ପ୍ରଫେସର ସାମନ୍ତ ଆହୁରି କହିଲେ ଯେ, କଳିଯୁଗରେ ପ୍ରତ୍ୟେକ ମନୁଷ୍ୟର ମହାମନ୍ତ୍ର ହେଉଛି ଅମୃତ । ଏଣୁ ପ୍ରତ୍ୟେକ ବ୍ୟକ୍ତି ନାମ ସଂକୀର୍ତ୍ତନ କରିଲେ ତାର ସମସ୍ତ ପାପତାପ ଦୂର ହେବା ସହିତ ସେ ଉନ୍ନତିର ମାର୍ଗରେ



ଚାଲି ପାରିବ । ଏଥିରେ ମୁଖ୍ୟ ପୁରୋଧା ଭାବେ କିଟ୍ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ୧୦୮ ହନୁମାନ ମନ୍ଦିରର ଅଧ୍ୟକ୍ଷ ବାବା ରାମାନାରାୟଣ ଦାଶ ମହାରାଜ ଯୋଗଦେଇ ହରିନାମ ଯେ କୀର୍ତ୍ତନ କରେ, ଯିଏ ଶୁଣେ, ଯିଏ ଆୟୋଜନ କରେ, ଏ ତିନି ଜଣହିଁ ଭବ ସାଗରରୁ ଉଦ୍ଧାର ହୋଇଥାନ୍ତି । ଏବଂ ପ୍ରତିଦିନ ପ୍ରତ୍ୟେକ ମନୁଷ୍ୟ ହରିନାମ କୀର୍ତ୍ତନ ସହ ହନୁମାନ ଚାଳିଶା ପାଠ କଲେ ତାର ସମସ୍ତ ଦୁଃଖ ଯନ୍ତ୍ରଣା ଓ ରିଷ୍ଟ ଖଣ୍ଡନ ହେବା ସହିତ ସେ ଆନନ୍ଦର ଅଧିକାରୀ ହୋଇପାରିବ ବୋଲି କହିଥିଲେ । ଏଥିରେ କାଦମ୍ବିନୀ କୁନିକଥାର ସମ୍ପାଦିକା ତଥା କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କଲରାବାଙ୍କ ହାଇସ୍କୁଲର ମୁଖ୍ୟ ପୁରୋଧା ଡ.ଇତି ସାମନ୍ତ ଯୋଗଦେଇ ପ୍ରତ୍ୟେକ ମନୁଷ୍ୟର ଅଧ୍ୟାତ୍ମିକ ଉନ୍ନତି ହେବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ସମାଜସେବୀ ନିରୂପମା ସାମନ୍ତ, ନିଳିମାରାଣୀ ମେମୋରିଆଲ ଚାରି ଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅର୍ନ୍ତଯାମୀ ସାମନ୍ତ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, କଲରାବାଙ୍କ ଗ୍ରାମସମିତି ସଭାପତି ଅଞ୍ଜନ କୁମାର ସାମନ୍ତ, ସମ୍ପାଦକ ଅଭିନ ଚନ୍ଦ୍ର କେସ୍, ମହିଳା ସମିତି ସମ୍ପାଦିକା ଅଞ୍ଜଳି ସାମନ୍ତ, ସମାଜସେବୀ ଅମିତା ସାମନ୍ତ, ଚନ୍ଦନା ସାମନ୍ତ, ପୁରବି ସାମନ୍ତ, ଛାୟାରାଣି ସାମନ୍ତ, ଶିବାନୀ ବୋଷ ପ୍ରମୁଖ ଯୋଗଦେଇଥିଲେ ।

## ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଢିଙ୍କିଆରେ ଜନଶୁଣାଣି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଢ଼ିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ ଜନଶୁଣାଣୀ ସଭା ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜନଶୁଣାଣୀର ଆୟୋଜନ କରାଯାଇଥିଲା । ଏଥିରେ ସ୍ଥାନୀୟ ପଞ୍ଚାୟତର ସମସ୍ତ ଗାଁର ଲୋକଙ୍କ ମତାମତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ପାନବରଜ ଅଧିଗ୍ରହଣ ସମୟରେ ପ୍ରକଳ୍ପ କୁ ନେଇ ସ୍ଥାନୀୟ ଲୋକମାନଙ୍କ ସହିତ ପୋଲିସ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ଏପରିକି ଲାଠି ମାଡ଼ ହୋଇଥିଲା ବେଳେ ଉଭୟ ପକ୍ଷରୁ କିଛି ଲୋକ ମଧ୍ୟ ଆହତ ହୋଇଥିଲେ ।ପରେ ଏହି ଘଟଣାକୁ ନେଇ ନେଇ ପୋଲିସ ଭୟରେ କିଛି ଲୋକ ଗାଁ ଛାଡ଼ି ଚାଲିଯାଇଥିବା ବେଳେ ପୋଲିସ ପ୍ରକଳ୍ପ ବିରୋଧୀ ଲୋକ ମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଥିବାର ଅଭିଯୋଗ ହୋଇଥିଲା । ଏପରିକି ଏହି ବିଷୟରେ ଢ଼ିଙ୍କିଆ ଗାଁର କୁନି ମଲିକ ଓ ଅନ୍ୟ ତିନି ଜଣ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ଏହି ମାମଲାର ବିଚାର କରି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଏକ ଖଣ୍ଡପୀଠ ଜରିଆରେ ଏକ ଆଇନଜୀବୀ କମିଟି ଗଠନ କରିଥିଲେ ।ସେହି କମିଟି ଗତ ମାସ ୧୯ ତାରିଖରେ ଆସିଥିଲା ବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହା ଫଳରେ କମିଟି କୌଣସି ସଠିକ ରିପୋର୍ଟ ଦେଇ ପାରି ନ ଥିଲା ବେଳେ ପୁନଶ୍ଚ ଏକ ଜନଶୁଣାଣୀର ତାରିଖ ସ୍ଥିର କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା ବେଳେ ଢ଼ିଙ୍କିଆ ପଞ୍ଚାୟତର ମାହାଳ,



ପାଟଣା, ତ୍ରିଲୋଚନପୁର, ଢ଼ିଙ୍କିଆ ଓ ଗୋବିନ୍ଦପୁର ଗାଁର ଲୋକେ ସେମାନଙ୍କ ବ୍ୟକ୍ତିଗତ ମତାମତ ରଖିଥିଲେ । ଜିଲାପାଳ ପାରୁଲ ପଟାଓ୍ୱାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ନିର୍ଦ୍ଦିଷ୍ଟ ଭାବେ ପୋଲିସ ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅନେକ ଲୋକ ଉତ୍ତର ରଖିଥିଲେ । ପ୍ରାୟ ସତୁରିରୁ ଅଶୀ ପ୍ରତିଶତ ଲୋକ ପୋଲିସ ପ୍ରଶାସନର ସହଯୋଗ ଓ ସହାୟତା କଥା କହିଥିଲା ବେଳେ ବାକି କିଛି ହାତଗଣତି ବିରୋଧୀ ତଥା ସ୍ଥାନୀୟ ଲୋକେ ପୋଲିସ ଅତ୍ୟାଚାର କରିଥିବା କହିଥିଲେ । ତେବେ କମିଟି ସମସ୍ତଙ୍କ କଥା ଶୁଣି ଥିବା ବେଳେ ଅନେକ ଲୋକ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ନିଜ ଇଛାରେ ପାନବରଜ ଦେଇଥିବା କହିଥିଲେ । କ୍ଷତିପୂରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ମଧ୍ୟ ଅନେକ ମତ ଦେଇଥିଲେ । ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କମ ସଂଖ୍ୟକ ଲୋକଙ୍କ ମତାମତ ସଂଗ୍ରହ ପାଇଁ ନିର୍ଦ୍ଦେଶ ରହିଥିଲା ବେଳେ ସ୍ଥାନ ଅଭାବ ତଥା ପାରିପାର୍ଶ୍ୱିକ ପରିସ୍ଥିତି ପାଇଁ କିଛି ଲୋକ ବାହାରେ ରହିଥିଲେ । ତେବେ ଶାନ୍ତିପୂର୍ଣ୍ଣ ଭାବେ ଏହି ଜନଶୁଣାଣୀ ଶେଷ ହୋଇଥିଲା ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ଜନଶୁଣାଣୀର ସମସ୍ତ କଥା ଭିଡିଓ ରେକର୍ଡ କରାଯାଇଛି । ତେବେ ଏହି ଜନଶୁଣାଣୀରେ କେବଳ ଢ଼ିଙ୍କିଆ ବ୍ୟତୀତ ।କୈାଣସି ବାହାର ଲୋକଙ୍କ ଉପସ୍ଥିତି ନଥିଲା । ପୁର୍ବରୁ ଗତ ୧୯ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଏକ ପାଞ୍ଚ ଜଣିଆ କମିଟି ଢ଼ିଙ୍କିଆ ଗାଁକୁ ଆସିଥିଲା ବେଳେ କିଛି ବାହାର ଲୋକେ ଜୋରଜବରଦସ୍ତ ଏକ ଶୋଭାଯାତ୍ରାରେ ଆସି ବିଶୃଙ୍ଖଳା ସୃଷ୍ଟି କରିଥିଲେ, ଯାହା ଫଳରେ କି ଏହି ଆଇନଜୀବୀ କମିଟି ତାର ସଠିକ ତଥ୍ୟ ସଂଗ୍ରହ କରି ପାରି ନଥିଲା ବୋଲି ମାନ୍ୟବର କୋର୍ଟଙ୍କୁ ଅବଗତ କରିଛନ୍ତି । ଏହାକୁ ଅନୁଧ୍ୟାନ କରି ଢ଼ିଙ୍କିଆ ପଞ୍ଚାୟତରେ ପୁନର୍ବାର ଜନଶୁଣାଣୀ କରାଯାଇଛି ମାନ୍ୟବର ହାଇକୋର୍ଟ । ବିଗତ ୨୦୨୧ ନଭେମ୍ବର ମାସ ୨୧ ରେ ଢ଼ିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ କରାଯାଇଥିଲା । ମାତ୍ର ଏହି ଶିବିରରେ ସଠିକ ଭାବେ ମତାମତ ସଂଗ୍ରହ କରାଯାଇ ପାରି ନ ଥିଲା ବେଳେ କିଛି ନିର୍ଦ୍ଦିଷ୍ଟ ଲୋକ ଏହି ଜନଶୁଣାଣୀକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଓ ଆଇନଜୀବୀ କମିଟିର ରିପୋର୍ଟ ଆଧାରରେ ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଶୁଣାଣୀ କରାଯିବ । ଏହି ଜନଶୁଣାଣୀରେ ଜିଲାପାଳ ଓ ଏସପି ଅଖିଳେଶ୍ୱର ସିଂ ସମେତ ଏରସମା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନଶୁଣାଣୀ ଶିବିର ବାହାରେ ପୋଲିସ ମୁତୟନ କରାଯାଇଥିଲା ।

## କଟକ:୫୨ ନଂ ଓ୍ୱାର୍ଡ଼ର ବିଜେଡ଼ି ପ୍ରାର୍ଥନୀ ସୌଭାଗିନୀ ଜେନା ସୁଖ ଦୁଃଖର ସାଥୀ

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ଅନ୍ତର୍ଗତ ୫୨ନଂ ଓ୍ୱାର୍ଡ଼ରେ ବିଜୁ ଜନତାଦଳର କର୍ପୋରେଟର ପ୍ରାର୍ଥୀ ଚୟନକୁ ନେଇ ଦୀର୍ଘଦିନ ଧରି ବହୁ ବାଦ ବିବାଦ ଓ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ଏହି ଓ୍ୱାର୍ଡ଼ରୁ ଅନେକ ଆଶାୟୀ ପ୍ରାର୍ଥୀ ଦାବିଦାର ରହିବା ସହିତ ଦଳ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲେ । ସବୁ ଅଙ୍କକୁ ଭୁଲ୍ ପ୍ରମାଣିତ କରି ବିଜେଡ଼ି ନେତୃମଣ୍ଡଳୀ ୫୨ନଂ ଓ୍ୱାର୍ଡ଼ର ନିଷ୍କଳଙ୍କ ଛବି ତଥା ସୁଖ ଦୁଃଖର ସାଥୀ ସୌଭାଗିନୀ ଜେନାଙ୍କୁ ଦଳୀୟ ଟିକଟ ପ୍ରଦାନ କରିଛନ୍ତି । ଶ୍ରୀମତୀ ଜେନା ଓ୍ୱାର୍ଡ଼ରେ ବହୁ ଜନହିତକର କାର୍ଯ୍ୟକରି ଓ୍ୱାର୍ଡ଼ାସୀଙ୍କ ମନ କିଣିବାରେ ସଫଳ ହୋଇପାରିଛନ୍ତି । ନିର୍ବାଚନରେ ମୋର ନେତା ତଥା ମାର୍ଗଦର୍ଶକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୋ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି ମୁଁ ତାହାକୁ ବାସ୍ତବ ରୂପ ଦେବା ସହିତ ଓ୍ୱାର୍ଡ଼ବାସୀଙ୍କ ମୌଳକ ସମସ୍ୟାର ମୋର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ୫୨ନଂ ଓ୍ୱାର୍ଡ଼ର ବିଜୁ ଜନତା ଦଳର କର୍ପୋରେଟର ପ୍ରାର୍ଥୀନୀ ସୌଭାଗିନୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ବିଜେପି ଅଫିସ୍ ଭାଙ୍ଗି ଚୁର୍‌ମାର୍ କରିଦେଲେ ମହିଳା

**ଭବାନୀପାଟଣା(ସଂପର୍କବାର୍ତ୍ତା):-** ପୌରନିର୍ବାଚନରେ ଲଢିବା ପାଇଁ ଟିକେଟ୍ ନ ମିଳିବାରୁ ମହିଳାମାନେ ଉଗ୍ରରୂପ ଧାରଣ କରିଛନ୍ତି । ବହୁ ସଂଖ୍ୟାରେ ଟିକେଟ୍ ଆଶାୟୀ ମହିଳାମାନେ ଆଜି କଳାହାଣ୍ଡି ଜିଲ୍ଲା


**ବସନ୍ତ ପଣ୍ଡା ଟିକେଟ୍ ବଣ୍ଟା ସ୍ୱଚ୍ଛତାକୁ...**

ଭବାନୀପାଟଣାସ୍ଥିତ ବିଜେପି କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ମହିଳାମାନେ ବିଜେପି ରିରୋଧୀ ଶ୍ଲୋଗାନ କରିଛନ୍ତି । ସେମାନେ କାହାର କିଛି କଥା




ଶୁଣିନାହାଁନ୍ତି, ନିମିଷକ ମଧ୍ୟରେ ବହୁ କ୍ଷୟକ୍ଷତି କରିଛନ୍ତି । ସୂଚନା ଅନୁସାରେ ପୌର ନିର୍ବାଚନ ଟିକେଟ୍ ପାଇବାକୁ ଆଶା ରଖିଥିବା କର୍ମୀମାନେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ଆଶାୟୀ ପ୍ରାର୍ଥୀଙ୍କ ତୁମୁଳ କାଣ୍ଡ ଦେଖିବାକୁ ମିଳିଛି । ପୁରୁଣା ବିଜେପିକର୍ମୀଙ୍କୁ ଗୁରୁତ୍ୱ ଦିଆଯାଉ ନଥିବା ନେଇ ଅଭିଯୋଗ ହୋଇଛି । ବହୁତ ମହିଳା କର୍ମୀ ଭବାନୀପାଟଣାସ୍ଥିତ ଜିଲ୍ଲା କାର୍ଯ୍ୟାଳୟକୁ ଯାଇ ଭଙ୍ଗାରୁଜା କରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷ କରି ସାଂସଦ ବସନ୍ତ ପଣ୍ଡାଙ୍କ ଟିକେଟ୍ ବଣ୍ଟନରେ ଭୂମିକାକୁ ନେଇ ଏମାନେ ଅସନ୍ତୋଷ ପ୍ରକାଶ କରି ଭଙ୍ଗାରୁଜା କରିଥିଲେ ।

**ଜଗତସିଂହପୁରରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ଚୌଧୁରୀଙ୍କ ଦେହାନ୍ତ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ଗତ ଶନିବାର ଦିନ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଥିବା ଜଣାପଡିଛି । ୰ ଚୌଧୁରୀ ସାମ୍ବାଦିକତାରୁ ଅବସର ନେଲା ପରେ ଜିଲ୍ଲା ବିଜୁ ଜନତା ଦଳର ସକ୍ରିୟ ଆଗଧାଡିର କର୍ମୀଭାବେ କାର୍ଯ୍ୟ କରିଆସୁଥିଲେ । ତାଙ୍କର ଜନ୍ମସ୍ଥାନ ବିରିଡି ବ୍ଲକ୍ ଅରଣା ଗ୍ରାମପଞ୍ଚାୟତରେ । ୰ ଚୌଧୁରୀଙ୍କ ମର ଶରୀରକୁ ଜନ୍ମମାଟି ଅରଣା ଗ୍ରାମକୁ ଅଣାଯାଇ ଗାଁ ପରିକ୍ରମା କରିବା ପରେ ବେଲବଣିଆସ୍ଥିତ ଶଶ୍ମାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ଜ୍ଞାନଦୀପ୍ତ ଚୌଧୁରୀ ମୁଖାଗ୍ନି ଦେଇଥିଲେ ।**




ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera